୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.27 . No.22 Bhubaneswar Thursday Feburary 27 2025 | ୨୭ତମ ବର୍ଷ ସଂଖ୍ୟା–୨୨ ଭୁବନେଶ୍ୱର, ଗୁରୁବାର, ଫେବୃଆରୀ ୨୭, ୨୦୨୫ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS




ରାଷ୍ଟ୍ରୀୟ ପତ୍ରକାର ମହାସଂଘର ରାଷ୍ଟ୍ରୀୟ ସଭାପତି ଡକ୍ଟର ପବିତ୍ର ମୋହନ ସାମନ୍ତରାୟ ଭୁବନେଶ୍ୱର ନୟାପଲ୍ଲିସ୍ଥିତ ବାସଭବନରେ ବରିଷ୍ଠ ସାମ୍ବାଦିକ ଶ୍ରୀରାମ ଦାଶ, ପୂର୍ବତନ ଭୁବନେଶ୍ୱର ସାଂସଦ ପ୍ରଫେସର ପ୍ରସନ୍ନ ପାଟ୍ଟଶାଣୀ ଓ ବେଦିକ ଲାଇଫ୍ ଫାଉଣ୍ଡେସନର ପ୍ରତିଷ୍ଠାତା ସ୍ୱାମୀ ଶୈଳେନ୍ଦ୍ର ସରସ୍ୱତିଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

## ସଂସଦକୁ ଯିବେ କି ଅରବିନ୍ଦ କେଜ୍ରିଓ୍ୱାଲ ? ଆପ୍‌ର ନୂଆ ଗୋଟି ଚାଳନାକୁ ନେଇ ଚର୍ଚ୍ଚା

ଭୁବନେଶ୍ୱର, ୨୬।୨(ପି.ଏନ): ଦିଲ୍ଲୀ ବିଧାନସଭାରେ ଲଜ୍ଜାଜନକ ପରାଜୟ ବରଣ କରିଥିବା ଆମ ଆଦମୀ ପାର୍ଟି(ଆପ୍) ସୁପ୍ରିମୋ ଅରବିନ୍ଦ କେଜ୍ରିଓ୍ୱାଲ ଏବେ କ୍ଷମତା ପାଇଁ ବିକଳ। ବିଧାନସଭା ନିର୍ବାଚନରେ ହାରିବା ପରେ ଏବେ ତାଙ୍କ ଆଗାମୀ ରାଜନୀତିକ ଭବିଷ୍ୟତକୁ ନେଇ ଚର୍ଚ୍ଚା। ଏସବୁ ଭିତରେ ଆପ୍ ପଞ୍ଜାବକୁ ନେଇ ଚଳାଇଥିବା ଗୋଟି ନୂଆ ସମୀକରଣ ସୃଷ୍ଟି କରିଛି। ଅରବିନ୍ଦ କେଜ୍ରିଓ୍ୱାଲ ସଂସଦର ଉଚ୍ଚ ସଦନ ବା ରାଜ୍ୟସଭାକୁ ଯାଇ ପାରନ୍ତି ବୋଲି କୁହାଯାଉଛି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଆପ୍ ପରାସ୍ତ ହେବା ପରେ ଏବେ କେଜ୍ରିଓ୍ୱାଲ ନିଜର ଓ ନିଜ ଦଳର ଅସ୍ତିତ୍ୱକୁ ଜାତୀୟ ସ୍ତରରେ କାଏମ ରଖିବାକୁ ଚାହୁଁଛନ୍ତି। ଏଥିପାଇଁ ତାଙ୍କ ଆଗରେ ରାଜ୍ୟସଭା ହିଁ ଏକମାତ୍ର ବିକଳ୍ପ ଭାବେ ଉଭା ହୋଇଛି। ସେ ପଞ୍ଜାବରୁ ରାଜ୍ୟସଭାକୁ ଯାଇ ଦଳକୁ ଜାତୀୟ ରାଜନୀତିରେ ସକ୍ରିୟ ରଖିବାକୁ ଚାହୁଁଛନ୍ତି। ତେବେ ଦିଲ୍ଲୀରେ ମାତ୍ର ଗୋଟିଏ ଥର ପରାସ୍ତ ପରେ କେଜ୍ରିଓ୍ୱାଲ ସିଧା ପଞ୍ଜାବ ମୁହାଁ ହେବା ମଧ୍ୟ ଆପ୍‌ର ରାଜନୀତିକ ଭବିଷ୍ୟତକୁ ପ୍ରଶ୍ନ ଘେରରେ ଛିଡା କରିବାର ଆଶଙ୍କା ରହିଛି। କେଜ୍ରିଓ୍ୱାଲ ରାଜ୍ୟସଭାକୁ ଯିବେ ବୋଲି ଚର୍ଚ୍ଚା ଜୋର ଧରିବାର ଯଥେଷ୍ଟ କାରଣ ମଧ୍ୟ ରହିଛି। ବୁଧବାର ଆପ ପଞ୍ଜାବରେ ଖାଲି ପଡିଥିବା ଲୁଧିଆନା ୱେଷ୍ଟ ଆସନରେ ହେବାକୁ ଥିବା ଉପ ନିର୍ବାଚନ ପାଇଁ ରାଜ୍ୟସଭା ସାଂସଦ ସଞ୍ଜୀବ ଅରୋରାଙ୍କୁ ପ୍ରାର୍ଥୀ କରିଛି। ତାଙ୍କୁ ଆପ୍ ପ୍ରାର୍ଥୀ କରିଥିବାରୁ ତାଙ୍କ ସ୍ଥାନରେ କେଜ୍ରିଓ୍ୱାଲ ରାଜ୍ୟସଭା ଯିବେ ବୋଲି କୁହାଯାଉଛି।

## ଦେଶର ସବୁ ନାଗରିକଙ୍କୁ ମିଳିବ ପେନସନ ! ସରକାର ଆଣୁଛନ୍ତି ନୂଆ ଯୋଜନା




ଭୁବନେଶ୍ୱର, ୨୬।୨(ପି.ଏନ): ବୟସର ଗୋଟିଏ ସମୟରେ ପହଞ୍ଚିବା ପରେ ସମସ୍ତେ ଆରାମ ଜୀବନ ଚାହାନ୍ତି। କିନ୍ତୁ ସମସ୍ତଙ୍କୁ ଆରାମ ଜୀବନ ମିଳେ ନାହିଁ। କାରଣ ସେମାନଙ୍କୁ ଜୀବନର ଗାଡି ଆଗକୁ ନେବା ପାଇଁ କାମ କରିବାକୁ ପଡ଼ ?। ଦୈନିକ କାମ କରି ପରିବାର ଚଳାଇବାକୁ ହୋଇଥାଏ। କାରଣ ଏବେ ଯାଏ କେବଳ ସରକାରୀ ଓ ଘରୋଇ ଚାକିରିଆମାନଙ୍କୁ ପେନସନ ମିଳୁଛି। ଅଣସଂଗଠିତ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ପାଇଁ ପେନସନର କୌଣସି ବ୍ୟବସ୍ଥା ନାହିଁ। ଶ୍ରମିକମାନେ ବୟସର ଅପରାହ୍ଣରେ ପହଞ୍ଚି ମଧ୍ୟ ନିଜର ଗୁଜୁରାଣ ମେଣ୍ଟାଇବାକୁ ସବୁଦିନ କାମ କରୁଛନ୍ତି। କାରଣ ସେମାନଙ୍କ ପାଇଁ ପେନସନର କୌଣସି ବ୍ୟବସ୍ଥା ନାହିଁ। କିନ୍ତୁ ଏବେ ସରକାର ଦେଶର ସବୁ ନାଗରିକଙ୍କ ପାଇଁ ପେନସନ ବ୍ୟବସ୍ଥା କରିବାକୁ ଯୋଜନା କରୁଛନ୍ତି। ସରକାର ଖୁବଶୀଘ୍ର ସାମୂହିକ ପେନସନ ସ୍କିମ ଆଣିବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇଛି। ଏହି ସ୍କିମ ଅଧୀନରେ ଦେଶର ସବୁ ନାଗରିକଙ୍କୁ ପେନସନର ଫାଇଦା ମିଳି ପାରିବ। ବର୍ତ୍ତମାନ ପ୍ରଚଳିତ ପେନସନ ଯୋଜନାକୁ ଏହା ସହ ମିଶାଇ ଦେଇ ପାରନ୍ତି। ବାର୍ଦ୍ଧ୍ୟକ ସମୟରେ ଦେଶର ସବୁ ଲୋକଙ୍କ ଆର୍ଥିକ ସୁରକ୍ଷାକୁ ନିଶ୍ଚିତ କରିବା ପାଇଁ ସରକାର ଏପରି ବ୍ୟବସ୍ଥା କରୁଛନ୍ତି।

## ବିଜେପି ଠାରୁ ଅଲଗା ହେବେ କି ଏକନାଥ ସିନ୍ଦେ ?



ଭୁବନେଶ୍ୱର, ୨୬।୨(ପି.ଏନ): ମହାରାଷ୍ଟ୍ରରେ କ୍ଷମତା ଦଖଲ କରିଥିବା ମହାୟୁତି ସରକାରରେ ଏବେ ସବୁ କିଛି ଠିକଠାକ ଚାଲି ନାହିଁ। ମେଣ୍ଟରେ ଥିବା ବିଜେପି ଓ ଏକନାଥ ସିନ୍ଦେଙ୍କ ଶିବସେନା ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ସମୟକ୍ରମେ ସିନ୍ଦେ ଓ ବିଜେପି ମଧ୍ୟରେ ଦୂରତା ବ଼ଢ଼ୁଛି। ସୋମବାର ଏହି ବିବାଦ ଆହୁରି ତୀବ୍ର ହୋଇଛି। ରାଜ୍ୟର ମନ୍ତ୍ରୀ ତଥା ବିଜେପି ବିଧାୟକ ଗଣେଶ ନାଏକ ସୋମାବର ଦ୍ୱିତୀୟ ଜନତା ଦରବାର ଆୟୋଜନ କରିଛନ୍ତି। ସିନ୍ଦେଙ୍କ ଗଡ ଥାଣେରେ ବିଜେପି ପକ୍ଷରୁ ଜନତା ଦରବାର ଆୟୋଜନ ଦୁଇ ଗୋଷ୍ଠୀ ମଧ୍ୟରେ ଥିବା ବିବାଦକୁ ଆହୁରି ତୀବ୍ର କରିଛି। ବିଜେପି ପକ୍ଷରୁ ଶ୍ରୀ ନାଏକଙ୍କ ଏକାଧିକ ବଡବଡ ପୋଷ୍ଟର ଓ ହୋର୍ଡିଂ ସହରରେ ଲଗାଇ ଯାଇଛି। ସେ ଥାଣେର ଲୋକଙ୍କ ସମସ୍ୟା ବୁଝିବା ପାଇଁ ଆସିଥିବା ଏଥିରେ ଉଲ୍ଲେଖ କରାଯାଇଛି। ସେ ଏପରି କରି ସିଧାସଳଖ ଜିଲ୍ଲାରେ ସିନ୍ଦେଙ୍କ ଦବଦବାକୁ ଚ୍ୟାଲେଞ୍ଜ କରିଛନ୍ତି।

## ଲିଙ୍ଗରାଜ ମନ୍ଦିରରେ ଉଠିଲା ମହାଦୀପ

ଭୁବନେଶ୍ୱର, ୨୬।୨(ପି.ଏନ): ବାବା ଲିଙ୍ଗରାଜଙ୍କ ମନ୍ଦିରରେ ଉଠିଲା ମହାଦୀପ। ନିର୍ଦ୍ଧାରିତ ସମୟ ଠାରୁ ସାମାନ୍ୟ ବିଳମ୍ବ ପରେ ଉଠିଲା ମହାଦୀପ। ବେଢା ପରିକ୍ରମା ପରେ ରାତି ୧୦ଟା ୪୦ରେ ନମନ୍ଦିର ଉପରକୁ ମହାଦୀପ ଉଠିଲା । ହର ହର ମହାଦେବ ଧ୍ୱନୀରେ କମ୍ପିଲା ଲିଙ୍ଗରାଜ ମନ୍ଦିର ପରିସର । ମହାଦୀପ ଦର୍ଶନ କଲେ ଶ୍ରଦ୍ଧାଳୁ ।ମହାଦୀପକୁ ଦର୍ଶନ କରିଛନ୍ତି ହଜାର ହଜାର ଶ୍ରଦ୍ଧାଳୁ। ମହାଦୀପକୁ ଦର୍ଶନ କରି ବ୍ରତ ପୂରଣ କରିଛନ୍ତି ଶ୍ରଦ୍ଧାଳୁ। ଜାଗର ପାଇଁ ଉତ୍ସବମୁଖର ହୋଇ ଉଠିଥିଲା ଭୁବନେଶ୍ୱର ଏକାମ୍ରକ୍ଷେତ୍ର ।

## ଶ୍ରୀଲିଙ୍ଗରାଜ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ, ଦଳାଚକଟାରେ ୨ ମହିଳା ଶ୍ରଦ୍ଧାଳୁ ଆହତ



ଭୁବନେଶ୍ୱର, ୨୬।୨(ପି.ଏନ): ଆଜି ମହାଶିବରାତ୍ରୀ। ସବୁ ଶୈବପୀଠ ଉତ୍ସବ ମୁଖର। ଏଥିପାଇଁ ପ୍ରତ୍ୟେକ ମନ୍ଦିରରେ ଭକ୍ତଙ୍କ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ତେବେ ଏହାରି ମଧ୍ୟରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ଜାଗରରେ ଶ୍ରୀଲିଙ୍ଗରାଜ ମନ୍ଦିରରେ ପ୍ରବଳ ଭିଡ ଦେଖିବାକୁ ମିଳିଛି ।ଶ୍ରୀଲିଙ୍ଗରାଜ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଯୋଗୁଁ ଦଳାଚକଟା ପରିସ୍ଥିତି ଦେଖାଦେଇଛି । ଏହି ଦଳାଚକଟାରେ ୨ଜଣ ମହିଳା ଭକ୍ତ ଆହତ ହୋଇପଡିଛନ୍ତି । ମୁଖ୍ୟପ୍ରବେଶ ଦ୍ୱାର ସିଂହଦ୍ୱାର ନିକଟରେ ଠେଲାପେଲା ପରିସ୍ଥିତି ଦେଖାଦେଇଛି ।

## ସ୍ପଷ୍ଟୀକରଣ ରଖିଲା CBSE, ଦଶମ ପିଲା ଦେବେ ବର୍ଷକୁ ୨ଟି ବୋର୍ଡ ପରୀକ୍ଷା

ଭୁବନେଶ୍ୱର, ୨୬।୨(ପି.ଏନ): ଏଣିକି ଗୋଟିଏ ନୁହେଁ ବର୍ଷକୁ ଦୁଇଟି ଲେଖାଏଁ ପରୀକ୍ଷା ଦେବାକୁ ପଡିବ। ଏବେଠାରୁ ପ୍ରତିବର୍ଷ ଦଶମ ପିଲା ଥରେ ନୁହେଁ ଦୁଇଟି ଲେଖାଏଁ ବୋର୍ଡ ପରୀକ୍ଷା ଦେବେ। ଏନେଇ ସ୍ପଷ୍ଟୀକରଣ ରଖିଛି CBSE।୨୫ରେ ଓ୍ୱେବସାଇଟରେ ପ୍ରକାଶିତ ତଥ୍ୟ ନେଇ ସାନି ସ୍ପଷ୍ଟୀକରଣ ରଖିଛି CBSE। ହେଲେ ପ୍ରତିବର୍ଷ ସିନା ଦୁଇଟି ଲେଖାଏଁ ବୋର୍ଡ ପରୀକ୍ଷା ହେବ କିନ୍ତୁ ପୂର୍ବପରି ସମସ୍ତ ବିଷୟ ବସ୍ତୁ ରହିବ। ପୂର୍ବପରି ଓଡ଼ିଆ ସମେତ ସମସ୍ତ ଆଞ୍ଚଳିକ ଭାଷା ଓ ବିଦେଶୀ ଭାଷାରେ ପରୀକ୍ଷା ଦେବା ନେଇ ସ୍ପଷ୍ଟ କରିଛି CBSE। ସବୁ ବିଷୟ ଓ ଭାଷା ପୂର୍ବପରି ୨୦୨୫-୨୬ ବୋର୍ଡରେ ସ୍ଥାନ ପାଇବ।

## ୫୦ରୁ ଅଧିକ ଜୀବନ ନେଲାଣି ରହସ୍ୟମୟ ରୋଗ



ଭୁବନେଶ୍ୱର, ୨୬।୨(ପି.ଏନ): ପୁଣି ବିଶ୍ୱ ପାଇଁ ଚିନ୍ତା ବଢ଼ାଇଛି ରହସ୍ୟମୟ ରୋଗ। ରହସ୍ୟମୟ ରୋଗରେ ୫୦ରୁ ଅଧିକ ଲୋକଙ୍କ ଜୀବନ ଗଲାଣି। ଏମାନଙ୍କ ମଧ୍ୟରେ କିଛି ଛୋଟ ପିଲା ବି ରହିଛନ୍ତି। ୫ ସପ୍ତାହ ମଧ୍ୟରେ ୪୩୧ ଜଣ ରହସ୍ୟମୟ ରୋଗରେ ଆକ୍ରାନ୍ତ ହେବା ଓ ସେମାନଙ୍କ ମଧ୍ୟରୁ ୫୩ ଜଣଙ୍କ ଜୀବନ ଯିବା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ବା WHOର ଚିନ୍ତା ବଢ଼ାଇ ଦେଇଛି। ଏଥିପାଇଁ WHO ପୂରା ବିଶ୍ୱ ପାଇଁ ଆଲର୍ଟ ଜାରି କରିଛି। ବର୍ତ୍ତମାନ ଏହି ରହସ୍ୟମୟ ରୋଗ ଡେମୋକ୍ରାଟିକ ରିପବ୍ଲିକ ଅଫ କଙ୍ଗୋ ବା ଡିଆରସିରେ ଆତଙ୍କ ଖେଳାଇଛି।ପ୍ରଥମେ ୩ ଜଣ ପିଲାଙ୍କ କ୍ଷେତ୍ରରେ ଏପରି ରୋଗ ବ୍ୟାପି ଥିଲା। ସେମାନେ ଗୋଟିଏ ବାଦୁଡି ଖାଇବା ପରେ ରହସ୍ୟମୟ ରୋଗରେ ପଡିଥିଲେ। ଏହାପରେ ମାତ୍ର ୫ ସପ୍ତାହ ମଧ୍ୟରେ ୫୩ ଜଣଙ୍କ ଜୀବନ ଯାଇଛି। ଇକ୍ୟୁଆଟେଉର ପ୍ରଦେଶର ଉପାନ୍ତ ଗାଁ ଗୁଡିକରେ ରହସ୍ୟମୟ ରୋଗ ବ୍ୟାପିବାରେ ଲାଗିଛି। ଆଗକୁ ଏହା ବିଶ୍ୱର ବିଭିନ୍ନ ପ୍ରାନ୍ତକୁ ବ୍ୟାପିବାର ଆଶଙ୍କା ଥିବା ମଧ୍ୟ WHO କହିଛି। ଏହି ରହସ୍ୟମୟ ରୋଗର ଲକ୍ଷଣ ହେଉଛି ଜ୍ୱର ହେବା। ବାନ୍ତି ଲାଗିବା ଓ ଆଭ୍ୟନ୍ତରୀଣ ରକ୍ତସ୍ରାବ। ଆକ୍ରାନ୍ତ ହେବାର ୪୮ ଘଣ୍ଟା ମଧ୍ୟରେ ଅଧିକାଂଶ ରୋଗୀଙ୍କ ମୃତ୍ୟୁ ହୋଇଛି। ଏପରି ଦ୍ରୁତଗତିରେ ଲୋକଙ୍କ ଜୀବନ ଯିବା ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କୁ ବ୍ୟସ୍ତ କରିଦେଇଛି। ବିକୋରୋ ହସ୍ପିଟାଲର ନିର୍ଦ୍ଦେଶକ ସେରଗେ ନଗାଲେବାତୋ କହିଛନ୍ତି, ରୋଗୀଙ୍କ ଲକ୍ଷଣ ଦେଖାଯିବା ଓ ମୃତ୍ୟୁ ମଧ୍ୟରେ ସମୟର ବ୍ୟବଧାନ କମ ରହିବା ଅତ୍ୟନ୍ତ ଚିନ୍ତାଜନକ।

## ରାଜନୀତିକୁ ଆସିବେ ନୀତୀଶଙ୍କ ପୁଅ !



ଭୁବନେଶ୍ୱର, ୨୬।୨(ପି.ଏନ): ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପୁଅ ନିଶାନ୍ତ କୁମାର ରାଜନୀତିକୁ ଆସିବେ ବୋଲି ଗତ ବର୍ଷଠାରୁ ଆଲୋଚନା ହେଉଥିବା ବେଳେ ଏବେ ଏହା ଜୋର ଧରିଛି। ଚଳିତ ବର୍ଷ ଶେଷ ଆଡକୁ ବିହାର ବିଧାନସଭା ନିର୍ବାଚନ ଥିବା ବେଳେ ଜେଡି (ୟୁ)ର ଅନେକ ନେତା ଓ କର୍ମୀ ଚାହୁଁଛନ୍ତି ନିଶାନ୍ତ କୁମାର ମଇଦାନକୁ ଓହ୍ଲାନ୍ତୁ। ଏମିତିକି ଏହାର କିଛି ସହଯୋଗୀ ଦଳ ମଧ୍ୟ ନିଶାନ୍ତଙ୍କୁ ସ୍ୱାଗତ କରିବାକୁ ପ୍ରସ୍ତୁତ ଅଛନ୍ତି ବୋଲି କହି ସାରିଲେଣି। ହେଲେ ଏଯାଏଁ ଏହି ପ୍ରସଙ୍ଗରେ ମୁହଁ ଖୋଲି ନାହାନ୍ତି ନିଜେ ନିଶାନ୍ତ କୁମାର। ସେହିପରି ତାଙ୍କ ବାପା ତଥା ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ମଧ୍ୟ କିଛି କହି ନାହାନ୍ତି ।ନୀତୀଶ କିମ୍ବା ନିଶାନ୍ତ ନୀରବ ଥିବା ସତ୍ତ୍ୱେ ପ୍ରତିଦିନି ଏମିତି କିଛି କିଛି ଘଟଣା ଘଟୁଛି କିମ୍ବା ବୟାନ ଆସୁଛି, ଯାହା ଏହି ପ୍ରସଙ୍ଗକୁ କେବଳ ଉଜ୍ଜୀବିତ କରି ରଖୁ ନାହିଁ, ବରଂ ଏ ସଂପର୍କିତ ଆଲୋଚନା ତଥା କଳ୍ପନାଜଳ୍ପନାକୁ ଖୋରାକ ଯୋଗାଉଛି। ଇତି ମଧ୍ୟରେ ଜେଡି (ୟୁ)ର ପାଟନା ସ୍ଥିତ କାର୍ଯ୍ୟାଳୟ ବାହାରେ ଗେଟ୍ ପାଖରେ ନିଶାନ୍ତଙ୍କ ସମର୍ଥନରେ ଏକ ବଡ ପୋଷ୍ଟର ଲାଗିଛି। ପାର୍ଟିର କେତେ ଜଣ କାର୍ଯ୍ୟକର୍ତ୍ତା ଏହି ପୋଷ୍ଟର ଲଗାଇଛନ୍ତି। ଏଥିରେ ନୀତୀଶ କୁମାରଙ୍କ ସହିତ ନିଶାନ୍ତଙ୍କ ଫଟୋ ରହିଛି। ନିଶାନ୍ତଙ୍କ ଫଟୋଟି ନୀତୀଶଙ୍କଠାରୁ ବଡ ହୋଇଛି। ଆଉ ଏଥିରେ ଲେଖାଯାଇଛି- 'ବିହାର କରେ ପୁକାର, ଆଇୟେ ନିଶାନ୍ତ କୁମାର'। ନିଶାନ୍ତ କୁମାର ରାଜନୀତିକୁ ଆସନ୍ତୁ ବୋଲି ଏହି କାର୍ଯ୍ୟକର୍ତ୍ତାମାନେ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକର୍ତ୍ତାଙ୍କ ଫଟୋ ମଧ୍ୟ ଉକ୍ତ ପୋଷ୍ଟରରେ ରହିଛି। ସେମାନେ ହେଉଛନ୍ତି- ସୁନୀଲ ସିଂହ, ଅଭୟ ପଟେଲ, ବରୁଣ କୁମାର ଓ ଚନ୍ଦନ ପଟେଲ।ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟାରେ ଜେଡି(ୟୁ)ର ଏହି କାର୍ଯ୍ୟକର୍ତ୍ତାମାନେ କହିଛନ୍ତି, ବିହାରର ଲୋକମାନେ ଜଣେ ନବମ ଫେଲ୍ ନେତା (ଲାଲୁ ଯାଦବଙ୍କ ପୁଅ ତେଜସ୍ୱୀ ଯାଦବ)ଙ୍କୁ ଚାହୁଁନାହାନ୍ତି। ସେମାନଙ୍କୁ ଜଣେ ପାଠୁଆ ଇଞ୍ଜିନିୟର ଦରକାର, ଯିଏ ରାଜ୍ୟର ନବ ନିର୍ମାଣ କରିପାରିବେ। ଏହାକୁ ଦୃଷ୍ଟିରେ ରଖି ଆମେ ଏହି ପୋଷ୍ଟର ମାରିଛୁ। ନିଶାନ୍ତ କୁମାର କେବଳ ନୀତୀଶ କୁମାରଙ୍କ ପୁଅ ନୁହନ୍ତି, ବିହାରକୁ ନେତୃତ୍ୱ ପ୍ରଦାନ କରିବାର ଦକ୍ଷତା ତାଙ୍କ ପାଖରେ ଅଛି। ଏହି ପୋଷ୍ଟର ମାରିବା ପାଇଁ ଆମକୁ କୌଣସି ନେତା କହି ନାହାନ୍ତି। ଜନତାଙ୍କ ଭାବନାକୁ ସମ୍ମାନ ଜଣାଇ ଆମେ ଏହି ପୋଷ୍ଟର ମାରିଛୁ। ଏନ୍ ?ଡିଏରେ ସାମିଲ ଥିବା ହିନ୍ଦୁସ୍ତାନୀ ଆଓ୍ୱାମ ମୋର୍ଚ୍ଚା ନେତା ତଥା କେନ୍ଦ୍ର ମନ୍ତ୍ରୀ ଜୀତନ ରାମ ମାଂଝୀ ଶନିବାର କହିଥିଲେ ଯେ ନିଶାନ୍ତ କୁମାର ରାଜନୀତିକୁ ଆସିଲେ ସ୍ୱାଗତ କରାଯିବ। ସେ କହିଛନ୍ତି ଯେ ଡାକ୍ତରର ପୁଅ ଡାକ୍ତର ହେଉଛନ୍ତି। ଆଇଏଏସ୍ ?ର ପୁଅ ଆଇଏଏସ୍ ହେଉଛନ୍ତି। ଇଞ୍ଜିନିୟରର ପୁଅ ଇଞ୍ଜିନିୟର ହେଉଛନ୍ତି। କିନ୍ତୁ ନେତାର ପୁଅ ନେତା ହେଲେ କାହିଁକି ପ୍ରଶ୍ନ ଉଠୁଛି। ଏହା ଠିକ୍ ନୁହେଁ। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ପୁଅ ନିଶାନ୍ତଙ୍କୁ ରାଜନୀତିକୁ ସ୍ୱାଗତ କରୁଛୁ। ହିନ୍ଦୁସ୍ତାନୀ ଆଓ୍ୱାମ ମୋର୍ଚ୍ଚା ନିଶାନ୍ତଙ୍କ ସହିତ ଅଛି ବୋଲି ଶ୍ରୀ ମାଂଝୀ କହିଛନ୍ତି। ଅର୍ଥାତ୍ ସେ ନୀତୀଶ କୁମାରଙ୍କ ଉଦ୍ଦେଶ୍ୟରେ ସିଧାସଳଖ କହିଛନ୍ତି ଯେ ନିଶାନ୍ତଙ୍କୁ ରାଜନୀତିକୁ ଓହ୍ଲାଇଲେ କୌଣସି ସମସ୍ୟା ନାହିଁ। ପ୍ରଶ୍ନ ଉଠୁଛି, ଏତେ ସମର୍ଥନ ଥିବା ସତ୍ତ୍ୱେ ନିଶାନ୍ତ କାହିଁକି ବର୍ତ୍ତମାନ ସୁଦ୍ଧା ପଲିଟିକାଲ ଡେବ୍ୟୁ ନେଇ ମୁହଁ ଖୋଲି ନାହାନ୍ତି ? ସେ ତାଙ୍କ ବାପା ନୀତୀଶ କୁମାରଙ୍କ ଅନୁମତିକୁ ଅପେକ୍ଷା କରିଛନ୍ତି କି ? ନିଶାନ୍ତ ରାଜନୀତି କରନ୍ତୁ ବୋଲି ନୀତୀଶ ଚାହୁଁ ନାହାନ୍ତି କି? ନା ଉଭୟ ନୀତୀଶ ଓ ନିଶାନ୍ତ ସଠିକ୍ ସମୟକୁ ଅପେକ୍ଷା କରିଛନ୍ତି ? ଭିତରେ ଭିତରେ ସେମାନେ ସ୍ଥିତି ପରଖୁଛନ୍ତି କି ? ନା ଅଲଗା କିଛି କାରଣ ଅଛି ? କୁହାଯାଉଛି, ନୀତୀଶ ହୁଏତ ଏ ପ୍ରସଙ୍ଗକୁ ନେଇ ଟିକେ ଦ୍ୱନ୍ଦ୍ୱରେ ଥିବେ। କାରଣ ସେ ବିଭିନ୍ନ ସମୟରେ ରାଜନୀତିରେ ପରିବାରବାଦ କଥା ଉଠାଇ ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଆରଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେଥିପାଇଁ ହୁଏତ ନୀତୀଶ ଭାବୁଥିବେ ଯେ ନିଶାନ୍ତ ରାଜନୀତିରେ ପାଦ ଥାପିଲେ, ତାହା ତାଙ୍କ ପାଇଁ ବୁମେରାଂ ସାବ୍ୟସ୍ତ ହେବ ନାହିଁ ତ। ଲୋକେ କେତେ ମାତ୍ରାରେ ଏହାକୁ ଗ୍ରହଣ କରିବେ, ହୁଏତ ତାକୁ ନେଇ ନୀତୀଶ ସନ୍ଦେହରେ ଥିବେ। ସେଥିପାଇଁ ସେ ଏ ପ୍ରସଙ୍ଗରେ କିଛି ସ୍ପଷ୍ଟ କରିବା ପୂର୍ବରୁ ସମୟ ନେଉଥିବେ। ବିହାର ବିଜେପି ସଭାପତି ଦିଲ୍ଲୀପ ଜୟାସଓ୍ୱାଲଙ୍କ ବୟାନରୁ ଏମିତି କିଛି ଆଭାସ ମଧ୍ୟ ମିଳୁଛି। ସେ କହିଛନ୍ତି ଯେ ନିଶାନ୍ତଙ୍କୁ ୧୦-୧୫ ବର୍ଷ ପୂର୍ବରୁ ରାଜନୀତିରେ ସାମିଲ ହୋଇଯିବାର ଥିଲା। ତେବେ ତା' ସହିତ ନିଶାନ୍ତ କାହିଁକି ଏ ପର୍ଯ୍ୟନ୍ତ ରାଜନୀତିରୁ ଦୂରେଇ ରହିଛନ୍ତି, ତା'ର ସମ୍ଭାବ୍ୟ କାରଣ ମଧ୍ୟ କହିଛନ୍ତି।ସେ କହିଛନ୍ତି, ନୀତୀଶ କୁମାର ଚାହିଁଥିଲେ ୧୦-୧୫ ବର୍ଷ ପୂର୍ବରୁ ନିଶାନ୍ତଙ୍କୁ ରାଜନୀତିକୁ ଆଣିପାରିଥା'ନ୍ତେ।

## ମହାଦୀପ ଉଠାଉଥିବା ବେଳେ ଖସିପଡିଲେ ସେବାୟତ



ଭୁବନେଶ୍ୱର, ୨୬।୨(ପି.ଏନ): ଲିଙ୍ଗରାଜ ମନ୍ଦିରରେ ଅଘଟଣ। ମହାଦୀପ ଉଠୁଥିବା ବେଳେ ମନ୍ଦିରରେ ଅଘଟଣ । ମହାଦୀପ ନେଇ ମନ୍ଦିର ଉପରକୁ ଉଠୁଥିବା ବେଳେ ଖସିପଡିଲେ ସେବାୟତ ।ଅନ୍ୟ ଜଣେ ସେବାୟତ ମହାଦୀପକୁ ନେଇ ମନ୍ଦିର ଚୂଡାକୁ ଗଲେ । ଅଘଟଣକୁ ନେଇ ସେବାୟତଙ୍କ ମଧ୍ୟରେ ଅସନ୍ତୋଷ । ଗୁରୁତର ଅବସ୍ଥାରେ ସେବାୟତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଛି ।

## ଫେଲ୍ ମାରୁଛି ରାଜ୍ୟ ବିଜେପି ସଭାପତି ଚୟନ ଡେଡଲାଇନ

ଭୁବନେଶ୍ୱର, ୨୬।୨(ପି.ଏନ): ଚାଲିଛି ବିଜେପି ସାଙ୍ଗଠନିକ ନିର୍ବାଚନ ପର୍ବ। ଫେଲ୍ ମାରୁଛି ରାଜ୍ୟ ସଭାପତି ଚୟନ ଡେଡଲାଇନ। ପ୍ରଥମେ ଜାନୁଆରୀ ୧୫, ତାପରେ ଜାନୁଆରୀ ଶେଷ ଓ ପୁଣି ଫେବୃଆରୀ ଶେଷ। ଏବେ ରାଜ୍ୟ ପ୍ରଭାରୀ କହୁଛନ୍ତି ମାର୍ଚ୍ଚ ୧୫ ସୁଦ୍ଧା ବଛାଯିବ ରାଜ୍ୟ ସଭାପତି। ତାରିଖ ପରେ ତାରିଖ ବଦଳୁଥିବା ବେଳେ ଦୂର ହୋଇପାରୁନି ରାଜ୍ୟ ସଭାପତି ଦ୍ୱନ୍ଦ। ସଭାପତି ପଦକୁ ନେଇ ଦଳ ଭିତରେ ସ୍ପଷ୍ଟ ଭାବେ ବାରି ହୋଇପଡୁଛି କନ୍ଦଳ। ତେବେ ସରକାର ଗଠନର ୮ ମାସ ପରେ ବି ନିଗମ ଓ ବୋର୍ଡ ନିଯୁକ୍ତିକୁ ନେଇ ମଧ୍ୟ କସରତ ସରୁନାହିଁ। ଜିଲ୍ଲା ଯୋଜନା କମିଟି, ସ୍ୱତନ୍ତ୍ର ଉନ୍ନୟନ ପରିଷଦ, ରାଜ୍ୟ ଯୋଜନା ବୋର୍ଡ, ବିଭିନ୍ନ ବିଭାଗରେ ଉପଦେଷ୍ଟା, ନିଗମ ଓ ବୋର୍ଡ ଭଳି ଥଇଥାନ ପଦବୀରେ ଶତାଧିକ ନେତାଙ୍କୁ ନିଯୁକ୍ତି କରିବାକୁ ଦଳ ଯୋଜନା କରୁଛି। ଏଥିପାଇଁ ଆରମ୍ଭ ହୋଇଛି କସରତ ।ରାଜ୍ୟରେ ପ୍ରଥମ ଥର ପାଇଁ ସରକାର ଗଠନ ପରେ ଦଳ ଓ ସରକାର ମଧ୍ୟରେ ସମନ୍ୱୟ ପାଇଁ ଘନ ଘନ ବୈଠକ ବସୁଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓଙ୍କ ସରକାରୀ ବାସଭବନରେ ଏକାଠି ହୋଇଛନ୍ତି ଦଳର ତୁଙ୍ଗ ନେତା। ରାଜ୍ୟ ପ୍ରଭାରୀ ବିଜୟ ପାଲ ତୋମାର, ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ, ରାଜ୍ୟ ସଭାପତି, ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ଦଳର ବରିଷ୍ଠ ନେତାମାନେ ଏକାଠି ହୋଇ ନିଗମ ଓ ବୋରଡ ନିଯୁକ୍ତି ବାବଦରେ ଆଲୋଚନା କରିଥିବା ଜଣାପଡିଛି। ଏହା ସହ ରାଜ୍ୟ ସଭାପତି ଓ ରାଜ୍ୟ କମିଟି ପଦାଧିକାରୀ ଚୟନ ବି ମୁଖ୍ୟ ପ୍ରସଙ୍ଗ ରହିଛି। ଏସବୁ ନିଯୁକ୍ତି ହୋଇପାରୁନଥିବାରୁ ଦଳ ଓ ସରକାର ଉଭୟ ଗତିଶୀଳ ହୋଇ ପାରୁନାହାନ୍ତି। ସବୁ କଥାରେ କେନ୍ଦ୍ରୀୟ ନେତୃତ୍ୱଙ୍କ ଇଙ୍ଗିତକୁ ଅପେକ୍ଷା କରୁଛି ରାଜ୍ୟ ବିଜେପି। ତେବେ ଖୁବ ଶୀଘ୍ର ସାଙ୍ଗଠନିକ ନିର୍ବାଚନ ସହିତ ନିଗମ ଓ ବୋର୍ଡ ନିଯୁକ୍ତି ହେବ ବୋଲି କେନ୍ଦ୍ର ନେତା କହିଛନ୍ତି।ସଙ୍ଗଠନରେ ଦ୍ୱନ୍ଦ, ସରକାରରେ ସ୍ଥାଣୁତା। ସଭାପତି ଚୟନ ନେଇ ପଦ୍ମ ଯେପରି ଘୁଞ୍ଚି ଘୁଞ୍ଚି ଯାଉଛି, ନିଗମ ଓ ବୋର୍ଡ ନିଯୁକ୍ତି ମଧ୍ୟ ସେତିକି ବିଳମ୍ବିତ ହେଉଛି। ଅନ୍ୟପଟେ ଆଶାୟୀଙ୍କ ତାଲିକା ବଢ଼ି ଚାଲିଥିବାରୁ, ବିଜେପି ନେତାଙ୍କ ଚିନ୍ତା ବଢ଼ିବାରେ ଲାଗିଲାଣି।






# ବାସ୍ତୁଶାସ୍ତ୍ରରେ ପିରାମିଡ୍‌ର ଚମତ୍କାରିତା

ବାସ୍ତୁ ଶାସ୍ତ୍ରରେ ପିରାମିଡ୍‌ର ଚମତ୍କାର ଶକ୍ତି ବିଷୟରେ କୁହାଯାଇଛି । ଏହାର ଲାଭ ଉଠାଇବା ପାଇଁ ଘରର ମଧ୍ୟ ଭାଗ ଅର୍ଥାତ୍ ଲିଭିଙ୍ଗ୍ ରୁମର ଛାତକୁ ପିରାମିଡ୍ ଆକାରରେ ତିଆରି କରନ୍ତୁ । ପିରାମିଡର ଛାତ ତଳେ ବସିବା ଦ୍ୱାରା ସ୍ମୃତି ଶକ୍ତି ବୃଦ୍ଧି ପାଇଥାଏ । ଏହା ବ୍ୟତୀତ ଅନିଦ୍ରା, ମୁଣ୍ଡବିନ୍ଧା, ପିଠି ଯନ୍ତ୍ରଣାରୁ ମଧ୍ୟ ଆରାମ ମିଳିଥାଏ । ଯଦି ଆପଣ ଘରର ଅନ୍ୟ କୌଣସି ଅଂଶରେ ପିରାମିଡ୍ ନିର୍ମାଣ କରିବାକୁ ଚାହାଁନ୍ତି, ତେବେ ଏହାର ଗୋଟିଏ ତ୍ରିଭୁଜ ଉତ୍ତର ଦିଗକୁ ରଖନ୍ତୁ । ଏହା ବ୍ୟତୀତ, ଯଦି ଆପଣଙ୍କ ଘରର କୌଣସି କୋଠରୀ କିମ୍ବା ଅନ୍ୟ ସ୍ଥାନର ଈଶାନ୍ୟ କୋଣ ଉଚ୍ଚ ଏବଂ ନୈରୁତ୍ୟ କୋଣ ନିଚ, ତେବେ ଦକ୍ଷିଣ-



ପୂର୍ବର ଛାତ ଉପରେ ପିରାମିଡ୍ ନିର୍ମାଣ କରି ଆପଣ ନୈରୁତ୍ୟ କୋମକୁ, ଈଶାନ୍ୟ କୋଣଠାରୁ ଉଚ୍ଚ କରିପାରିବେ । ଯଦି ଆପଣଙ୍କ ଘରର ଭୂଖଣ୍ଡର ପାର୍ଶ୍ୱଗୁଡିକ ମୁଖ୍ୟ ଦିଗ ସହିତ ସମାନ୍ତରାଳ ନୁହେଁ, ତେବେ ଏହିପରି ଭୂଖଣ୍ଡକୁ ଦିକ୍‌ଦୋଷ ଭୂଖଣ୍ଡ କୁହାଯାଏ । ଯଦି ଆପଣଙ୍କ ଭୂଖଣ୍ଡରେ ଦିକ୍‌ଦୋଷ ବ୍ୟତୀତ ଅନ୍ୟ କୌଣସି ଆକାର ସମ୍ବନ୍ଧୀୟ ଦୋଷ ରହିଥାଏ, ତେବେ ଏହି ଭୁଖଣ୍ଡ ମଧ୍ୟରେ ୯, ୩୬, ୫୪ କିମ୍ବା ୮୧ ପିରାମିଡକୁ ପୋତି ଦିଅନ୍ତୁ । ଏହା କରିବା ଦ୍ୱାରା ଆପଣ ଏହି ଦୋଷରୁ ମୁକ୍ତି ପାଇପାରିବେ । ଏହା ବ୍ୟତୀତ, ଯଦି ଭିଥୀ ଶୋଲ୍ ଦୋଷ ଥାଏ, ତେବେ ଭୂଖଣ୍ଡର ସେହି ଦିଗରେ ୯ ଟି ପିରାମିଡ୍ ରଖନ୍ତୁ ।

# ରକେଟ୍ ଉପରେ ମସ୍କଙ୍କ ୩୦ ଫୁଟିଆ ଛେଳି ମୂର୍ତ୍ତି

ଟ୍ୱିଟର୍ ଅଧିଗ୍ରହଣ କରିବା ପରଠୁ ଖବରର ଶିରୋନାମା ପାଲଟିଛନ୍ତି ଅରବପତି ଉଦ୍ୟୋଗୀ ଏଲନ୍ ମସ୍କ । ଏହି କ୍ରମରେ ତାଙ୍କର ଜଣେ ଫ୍ୟାନ୍ ୩୦ ଫୁଟ ଲମ୍ବା ସ୍ମାରକୀ ନିର୍ମାଣ କରିଛନ୍ତି । ଏହି କଳାକୃତିରେ ଛେଳି ଶରୀରରେ ଏଲନ୍ ମସ୍କଙ୍କ ମୁହଁ ନିର୍ମାଣ କରାଯାଇଛି । ମୂର୍ତ୍ତିଟିକୁ ଏକ ରକେଟ୍ ଉପରେ ରଖାଯାଇଛି । ଟ୍ୱିଟର୍ ୟୁଜର୍ ଜ୍ୟାକ୍ ଜୁଚେଲି ଏହି କଳାକୃତିର ଏକ ଫଟୋ ଶେୟାର କରି ଉଲ୍ଲେଖ କରିଛନ୍ତି 'ଛେଳି ଶରୀରଯୁକ୍ତ ଏଲନ୍ ମସ୍କଙ୍କର ବିଶାଳ ମୂର୍ତ୍ତିକୁ ଆପଣ ଦେଖିଛନ୍ତି, ଯିଏକି ରକେଟ୍ ଚଳାଉଛନ୍ତି ଏହାକୁ ଏଲନ୍ ଗୋଟ୍ (ଗ୍ରେଟେଷ୍ଟ୍ ଅଫ୍ ଅଲ୍ ଟାଇମ୍) କୁହାଯାଏ । ଏକ ଅନ୍ତର୍ଜାତୀୟ ଗଣମାଧ୍ୟମ ଅନୁସାରେ, ଏହି ମୂର୍ତ୍ତିର ମୂଲ୍ୟ ୬ ଲକ୍ଷ ଡଲାର ଅର୍ଥାତ୍ ହାରାହାରି ୪.୮ କୋଟି ଟଙ୍କା । ମୂର୍ତ୍ତିର ଉଚ୍ଚତା ୫ ଫୁଟ ୯ ଇଞ୍ଚ । କାନାଡାର ସ୍ଥପତି କେଭିନ୍ ଓ ମିଶେଲ ଷ୍ଟୋନ୍ ଏହାକୁ ନିର୍ମାଣ କରିଛନ୍ତି । ମୂର୍ତ୍ତିର ମୁଣ୍ଡ ଆଲୁମିନିୟମ୍‌ରେ ନିର୍ମିତ ହୋଇଛି । ମସ୍କଙ୍କର ଏହି ମୂର୍ତ୍ତି ନିର୍ମାଣର ବିଚାର କ୍ରିପ୍ଟୋକରେନ୍ସି କମ୍ପାନି ଏଲନ୍ ଗୋଟ୍ ଟୋକନ୍ । ଚଳିତ ମାସ ଶେଷବେଳକୁ ଟେକ୍ସାସ୍ ଅଷ୍ଟିନ୍ ସ୍ଥିତ ଟେକ୍ସାନ୍ ଟେସ୍ଲାରେ ମୂର୍ତ୍ତିଟିକୁ ମସ୍କଙ୍କୁ ଉପହାର ଦେବାକୁ କମ୍ପାନି ଚାହୁଁଛି । କ୍ରିପ୍ଟୋକରେନ୍ସି କମ୍ପାନି ମସ୍କଙ୍କୁ ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍ ବା 'ସର୍ବକାଳୀନ ମହାନ' ବ୍ୟକ୍ତି ଭାବେ ସମ୍ବୋଧନ କରି କହିଛି, ଦୀର୍ଘ ୧ ବର୍ଷ ଧରି ଏହି ସ୍ମାରକୀ ନିର୍ମାଣ କରିବା ପରେ ଏହାକୁ ଏଲନ୍‌ଙ୍କୁ ଦେବାର ସମୟ ଆସିଛି । ଆମେ ତାଙ୍କୁ ଭେଟି ଏହାକୁ ଦେବାକୁ ଚାହୁଁଛୁ ।



# ୫୦ ଡିଗ୍ରୀ ତାପମାତ୍ରାରେ ଚାଲୁଛି ସ୍କୁଲ, କିନ୍ତୁ ଖୁବ୍ ଥଣ୍ଡା





ରାଜସ୍ଥାନର ଥର୍ ମରୁଭୂମି, ଯେଉଁଠାରେ ଦିନର ତାପମାତ୍ରା ପ୍ରାୟ ୫୦ ଡିଗ୍ରୀ ସେଲସିୟସ୍ ହୋଇଥାଏ । ଏଠାରେ ଗରମ ପବନ ସାଙ୍ଗକୁ ତତଲା ବାଲି ଉଡ଼ିଥାଏ । ସାଧାରଣ ମଣିଷ ବଞ୍ଚିବା କଷ୍ଟକର ହେବ । ହେଲେ ଆପଣ ଭାବି ପାରିବେ ଏପରି ପରିବେଶରେ ପିଲାଙ୍କ ସ୍କୁଲ ହୋଇପାରିବ ? ଦୂର ଦୂର ଯାଏ ବାଲି ହିଁ ବାଲି । ଆଉ ଭୟଙ୍କର ଗରମ ଅନୁଭୂତ ହେଉଥିଲେ ମଧ୍ୟ ଏଠାରେ ପିଲାମାନେ ହସ ଖେଳରେ ସ୍କୁଲରେ ପାଠ ପଢୁଛନ୍ତି । ଥର ରେଗିସ୍ତାନ ମଧ୍ୟରେ ଥିବା ଥର ମରୁଭୂମିରେ, ସୁନ୍ଦର ଏବଂ ଚିତ୍ତାକର୍ଷକ ଦୃଶ୍ୟର ଏହି ଚମତ୍କାର ସ୍ଥାପତ୍ୟ ବାଲିରେ ନିର୍ମିତ ହୋଇଛି । ଏହି ଅଣ୍ଡା ଆକୃତିର କୋଠା ଘରକୁ ଦେଖିଲେ ଲାଗୁଛି ଯେପରି ଏହି ସଂରଚନା ମଧ୍ୟ ପ୍ରାକୃତିକ ମରୁଭୂମିର ଏକ ଅଂଶ । ଏହା ହେଉଛି ରାଜକୁମାରୀ ରତ୍ନାବତୀ ବାଳିକା ବିଦ୍ୟାଳୟ । ଏହାକୁ ଡିଜାଇନ କରିଥିଲେ ନ୍ୟୁୟର୍କର ଡାଏନା କେଲୋଗ୍ । ରାଜସ୍ଥାନର ମହିଳା ସାକ୍ଷରତା ହାର ବଢ଼ାଇବା ସହ ସ୍ୱାବଲମ୍ବୀ କରାଇବା ପାଇଁ ଏହି ବାଳିକା ବିଦ୍ୟାଳୟ ନିର୍ମାଣ ହୋଇଥିଲା । ରାଜକୁମାରୀ ରତ୍ନାବତୀ ବାଳିକା ବିଦ୍ୟାଳୟକୁ ଆମେରିକା ମାଇକଲ୍ ଡ୍ୟୁବର ଏନିଜିଓ (ସିଆଇଆଇଟିଏ) ନିର୍ମାଣ କରିଛି । 'ଜ୍ଞାନ କେନ୍ଦ୍ର' ଭାବେ ପରିଚିତ ଏହି ବିଦ୍ୟାଳୟରେ ଆର୍ଥିକ ଅନଗ୍ରସର ବାଳିକାମାନେ ପାଠ ପଢୁଛନ୍ତି । ଏହି ସ୍କୁଲରେ ଦଶମ ଶ୍ରେଣୀ ଯାଏ କକ୍ଷ ରହିଛି । ବର୍ତ୍ତମାନ ସେଠାରେ ୪୦୦ ଛାତ୍ରୀ ପାଠ ପଢୁଛନ୍ତି । ତେବେ ଆଶ୍ଚର୍ଯ୍ୟର କଥା ହେଉଛି ସ୍କୁଲରେ କୌଣସ ଏୟାର କଣ୍ଡିସନ ନଥିଲେ ମଧ୍ୟ ଏଠାରେ ପ୍ରଚଣ୍ଡ ଗରମ ଭିତରେ ଥଣ୍ଡା ଲାଗିଥାଏ । ଏହା ସୁନ୍ଦର ଲାଟାଇସ୍ କାନ୍ଥ ଏବଂ ଭେଣ୍ଟିଲେଟେଡ୍ ଛାତ ସହିତ ସୌର ସ୍ଥାପନାର ଚମତ୍କାର ସ୍ଥାପତ୍ୟର ଏକ ଉଦାହରଣ । ଏହି ସ୍କୁଲକୁ ଦେଖିବା ପାଇଁ ଅନେକ ପର୍ଯ୍ୟଟକ ବୁଲିବାକୁ ଆସନ୍ତି ।

# ମଣିଷ ଦେହରେ କୃତ୍ରିମ ରକ୍ତ !

ପରୀକ୍ଷାଗାରରେ କୃତ୍ରିମ ଉପାୟରେ ପ୍ରସ୍ତୁତ ରକ୍ତକୁ ବିଶ୍ୱରେ ପ୍ରଥମ ଥର ପାଇଁ ମଣିଷ ଦେହରେ ପ୍ରବେଶ କରାଯାଇଛି । ଏହା ଏବେ ପରୀକ୍ଷଣ ପର୍ଯ୍ୟାୟରେ ଅଛି । ଏବେ ମାତ୍ର ଦୁଇଜଣ ଲୋକଙ୍କୁ ପରୀକ୍ଷାଗାରରେ ପ୍ରସ୍ତୁତ ଲୋହିତ ରକ୍ତ କଣିକା ଦିଆଯାଇଛି ଏବଂ ସେମାନଙ୍କ ଦେହରେ କୌଣସି ହାନିକାରକ ପ୍ରତିକ୍ରିୟା ଦେଖାଯାଇନାହିଁ । ସେମାନଙ୍କୁ ଦିଆଯାଇଥିବା ରକ୍ତର ପରିମାଣ ଖୁବ୍ କମ୍ (୫ରୁ ୧୦ ମିଲିଲିଟର) । ଏହା ସୁରକ୍ଷିତ ଓ ସଫଳ ବୋଲି ପ୍ରମାଣିତ ହେଲେ ବିରଳ 'ବ୍ଲଡ୍ ଗ୍ରୁପ୍'ଧାରୀ ତଥା ସିକିଲ୍ ସେଲ୍ ଭଳି ରୋଗ ଭୋଗୁଥିବା ରୋଗୀମାନଙ୍କ ଚିକିତ୍ସା ଦିଗରେ ଏହା ବିପ୍ଳବାତ୍ମକ ହେବ ବୋଲି କୁହାଯାଉଛି । ୟୁନାଇଟେଡ୍ କିଙ୍ଗଡମ୍‌ର ଗବେଷକମାନେ ଷ୍ଟେମ୍ ସେଲ୍‌ରୁ ଏହି ଲୋହିତ ରକ୍ତକଣିକାଗୁଡ଼ିକୁ ପରୀକ୍ଷାଗାରରେ ପ୍ରସ୍ତୁତ



କରିଛନ୍ତି । ଷ୍ଟେମ୍ ସେଲ୍‌ରୁ ପ୍ରସ୍ତୁତ କୃତ୍ରିମ ରକ୍ତକଣିକାର ଜୀବନକାଳ ପ୍ରାକୃତିକ ଉପାୟରେ ଶରୀରରେ ପ୍ରସ୍ତୁତ ହୋଇଥିବା ରକ୍ତକଣିକାର ଜୀବନକାଳ ସହିତ ତୁଳନୀୟ ନା ନାହିଁ ତାହା ଏହି ପରୀକ୍ଷଣରୁ ଜଣାପଡ଼ିବ । ତେବେ ପରୀକ୍ଷାଗାରରେ ପ୍ରସ୍ତୁତ ଲୋହିତ ରକ୍ତକଣିକାଗୁଡ଼ିକ ସଂପୂର୍ଣ୍ଣ ନୂଆ ହୋଇଥିବାରୁ ସେଗୁଡ଼ିକ ରକ୍ତଦାନ ପରେ ରୋଗୀ ଦେହରେ ପ୍ରବେଶ କରାଯାଉଥିବା ରକ୍ତକଣିକା ତୁଳନାରେ ଉତ୍ତମ ପ୍ରଦର୍ଶନ କରିବେ ବୋଲି ଗବେଷକମାନେ ଆଶା ରଖିଛନ୍ତି । ଏହି ପରୀକ୍ଷଣରେ ଅନ୍ୟୁନ ୧୦ ଜଣଙ୍କୁ ଚାରିମାସ ବ୍ୟବଧାନରେ ଦୁଇଥର ଅଳ୍ପ ମାତ୍ରାରେ କୃତ୍ରିମ ରକ୍ତ ଦିଆଯିବ । ଏହା ସଫଳ ହେଲା ପରେ ଯାଇ ଚିକିତ୍ସା କ୍ଷେତ୍ରରେ କୃତ୍ରିମ ରକ୍ତ ବ୍ୟବହାରର ଯୁଗ ଆରମ୍ଭ ହେବ ।

# ଜିଅନ୍ତା କବର ଦେଇ ଚିକିତ୍ସା



ବିଭିନ୍ନ ରୋଗର ଚିକିତ୍ସା ପାଇଁ ଚେରମୂଳିଠାରୁ ଆରମ୍ଭ କରି ଏଲୋପାଥି, ହୋମିଓପାଥି, ଆକ୍ୟୁପ୍ରେସର, ଆକ୍ୟୁପଙ୍କଚର ଓ ଜଳ ଚିକିତ୍ସା ପରି କେତେ କ'ଣ ଉପାୟ ଆଜିକାଲି ଉପଲବ୍ଧ । ତେବେ ଉତ୍କଣ୍ଠା ବା ବ୍ୟାକୁଳତା ପରି ମାନସିକ ରୋଗର ଉପଶମ ଲାଗି ଏକ ରୁଷୀୟ କମ୍ପାନି ଆଣିଥିବା ଏକ ଭିନ୍ନ ଚିକିତ୍ସା ଚର୍ଚ୍ଚାର ବିଷୟ ହୋଇଛି । ସାଧାରଣତଃ ମନୁଷ୍ୟ ଉତ୍କଣ୍ଠା ବା ଭୟ ଅନୁଭବ କରିବା ଏକ ସ୍ୱାଭାବିକ କଥା । ବେଳେ ବେଳେ କୌଣସି ବ୍ୟକ୍ତି, ପଦାର୍ଥ, ଘଟଣା ବା ସ୍ମୃତି ଆମକୁ ଆତଙ୍କିତ କରି ଦେଇଥାଏ । ଏଭଳି ଅବସ୍ଥାକୁ ସାଧାରଣତଃ ଉତ୍କଣ୍ଠା କବଳିତ ବୋଲି କୁହାଯାଇଥାଏ । ତେବେ ଏଭଳି ଅବଗୁଣକୁ ଦୂର କରିବା ଲାଗି ଏ ଯାବତ୍ କୌଣସି ନିଶ୍ଚିତ ଚିକିତ୍ସା ନାହିଁ । ମାତ୍ର ରୁଷିଆର 'ପ୍ରିକେଟେଡ୍ ଏକାଡେମୀ' ନାମକ ଏକ କମ୍ପାନି ତାହା ଦୂର କରିପାରୁଛି ବୋଲି ଦାବି କରିଛି । ତେବେ ତାହା ଉତ୍କଣ୍ଠାଠାରୁ ଆହୁରି ଭୟାନକ ପ୍ରକ୍ରିୟା । ଏହି ରୋଗରେ ପୀଡ଼ିତ ଥିବା ବ୍ୟକ୍ତିଙ୍କୁ ଘଣ୍ଟାକ ପାଇଁ ଜୀବନ୍ତ ସମାଧିସ୍ଥ ହେବାକୁ ପଡ଼ିଥାଏ । ସଂପୃକ୍ତ ପୀଡ଼ିତଙ୍କୁ ଏକ ସ୍ୱଚ୍ଛ କଫିନ ଭିତରେ ରଖି ଏକ ପତଳା ଆସ୍ତରଣର ମାଟିରେ କବର ଦିଆଯାଇଥାଏ । ଏହାଦ୍ୱାରା ସେ ନିଜର ଭୟ ବା ଆତଙ୍କକୁ ଦୂରେଇ ନିଜର ସ୍ନାୟୁକ୍ରିୟାକୁ ସତେଜ ଓ ସକାରାତ୍ମକ କରିପାରିବ ବୋଲି କମ୍ପାନି ପକ୍ଷରୁ କୁହାଯାଇଛି । ଅବଶ୍ୟ ଏଥିପାଇଁ ଭାରତୀୟ ମୁଦ୍ରାରେ ପ୍ରାୟ ୪୭ ଲକ୍ଷ ଟଙ୍କା ଦେବାକୁ ପଡ଼ିବ । ଏଥିରେ ଜଣେ ପୀଡ଼ିତଙ୍କୁ ନିଜର କୃତ୍ରିମ ଶବସତ୍କାର ଉତ୍ସବ ଦେଖିବାକୁ ପଡ଼ିଥାଏ । ତେବେ ବ୍ୟୟବହୁଳ ପ୍ରଥମ ପ୍ରଣାଳୀଟି ନିରାପଦ, ଅଧିକ ଫଳପ୍ରଦ ଓ ନିଶ୍ଚିତ ବୋଲି କମ୍ପାନିର ପ୍ରତିଷ୍ଠାତା ୟାକାତେରିନା ଦାବି କରିଛନ୍ତି । ଜିଅନ୍ତା କବର ନେଉଥିଲେ ମଧ୍ୟ ପୀଡ଼ିତଙ୍କ ଜୀବନ ପ୍ରତି ସାମାନ୍ୟତମ ବିପଦ ନ ପହଞ୍ଚାଇବା ଲାଗି ଆବଶ୍ୟକ ସତର୍କତାମୂଳକ ପଦକ୍ଷେପ ନିଆଯାଇଥାଏ ବୋଲି ସେ କହିଛନ୍ତି ।

# ମଡେଲ୍‌ଙ୍କୁ ଡେଟ୍ କରୁଛନ୍ତି ଦିଶା

ବର୍ତ୍ତମାନ ବିଟାଉନ୍‌ରେ ଅନେକ ଯୋଡି ପରସ୍ପରକୁ ଡେଟ୍ କରୁଛନ୍ତି । ହେଲେ ସେମାନେ ତାଙ୍କ ସମ୍ପର୍କକୁ ଲୁଚାଇ ରଖୁଛନ୍ତି । ସୋସିଆଲ ମିଡିଆରେ, ସେମାନେ ପରସ୍ପର ସହିତ ଫଟୋ ସେୟାର କରୁଥିବାର ଦେଖିବାକୁ ମିଳନ୍ତି । ଏହା ବ୍ୟତୀତ ସେୟାର ହୋଇଥିବା ପୋଷ୍ଟରେ କମେଣ୍ଟ ଦେଖିବାକୁ ମିଳେ । କିନ୍ତୁ କିଛି ସେଲିବ୍ରିଟି ଅଛନ୍ତି ଏହା କରନ୍ତି ନାହିଁ । ସେମାନେ ଏକାଠି ବୁଲିବା ସହ ଡିନର ଡେଟ୍‌ରେ ମଧ୍ୟ ସ୍ପଷ୍ଟ ହୁଅନ୍ତି ଏବଂ ଗଣମାଧ୍ୟମର ପ୍ରଶ୍ନ ଉପରେ ନୀରବ ରୁହନ୍ତି । ସେମାନଙ୍କ ମଧ୍ୟରେ ଦିଶା ପଟାନି ଏବଂ ଟାଇଗର ଶ୍ରଫ ଅନ୍ୟତମ । କହିବାକୁ ଗଲେ ଦୁହେଁ ଦୀର୍ଘ ସମୟ ଧରି ସମ୍ପର୍କରେ ଥିଲେ । କିନ୍ତୁ ଆନୁଷ୍ଠାନିକ ଭାବରେ ଡେଟିଂକୁ ଗ୍ରହଣ କରିନଥିଲେ । ନିକଟରେ ସେମାନଙ୍କ ବ୍ରେକଅପ୍ ଖବର ଗଣମାଧ୍ୟମରେ ସାମ୍ନାକୁ ଆସିଥିଲା । ଏହା ପରେ, ବର୍ତ୍ତମାନ ଆଲୋଚନା ଏବଂ କଳ୍ପନାଜଳ୍ପନା ଆରମ୍ଭ ହୋଇଛି ଯେ ଦିଶା ପଟାନୀଙ୍କ ଜୀବନରେ ଜଣେ ନୂଆ ପ୍ରେମିକ ଆସିଛନ୍ତି । ଯାହାର ଭିଡିଓ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି । ଦିଶା ତାଙ୍କ ପୁରୁଣା ବନ୍ଧୁ, ମଡେଲ-ଅଭିନେତା ଆଲେକ୍ସଜାଣ୍ଡାର୍ ଆଲେକ୍ସ ଇଲିକିଙ୍କୁ ଡେଟ୍ କରୁଛନ୍ତି । ଦିୱାଲୀରେ, ଯେତେବେଳେ ଆଲେକ୍ସ ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଦିଶାଙ୍କ ସହ ଏକ ଫଟୋ ସେୟାର କରିଥିଲେ, ସେତେବେଳେ ଦୁହେଁ ଏକାଠି ଅଛନ୍ତି ବୋଲି ଶୁଣିବାକୁ ମିଳିଥିଲା । ଏତିକି ହିଁ ନୁହେଁ ଆଲେକ୍ସ ଏବଂ ଦିଶା ମଧ୍ୟ ଜିମରେ ଏକାଠି କାମ କରୁଥିବା ସହ ଅନେକ ଥର ଏକାଠି ନଜର ଆସିଛନ୍ତି । ବର୍ତ୍ତମାନ ତାହାକୁ ନେଇ କଳ୍ପନା ଜଳ୍ପନା କରାଯାଉଛି । ଦିଶା ପଟାନିଙ୍କ କହିବାନୁସାରେ, ଅବସର ପାଇଲେ ସେ ଜିମ୍ନାଷ୍ଟରେ ସମୟ ବିତେଇଥାନ୍ତି । ଦିଶା କହନ୍ତି, ଜିମ୍ନାଷ୍ଟ ପାଇଁ ଜଣକୁ ଉଭୟ ନିୟମିତ ଓ ସାହସୀ ହେବାକୁ ପଡ଼ିବ । ସେ ଆଜି ଯେଉଁଠି ପହଞ୍ଚିଛନ୍ତି, ସେଥିପାଇଁ ବେଶ୍ କିଛି ଦିନ ଲାଗିଛି । ପ୍ରତ୍ୟେକ ଦିନ ଅଭ୍ୟାସ ଜାରି ରଖିବା ସହ ବେଳେବେଳେ ଆହତ ହେବାର ସାହସ ଜୁଟାଇ ପାରିଲେ ହିଁ ଏଥିରେ ସଫଳତା ମିଳେ ବୋଲି କହିଛନ୍ତି ଦିଶା ।






# ଶ୍ରୀଗୁରୁଜୀଙ୍କ ରାଷ୍ଟ୍ର ଚିନ୍ତନ





ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଦ୍ୱିତୀୟ ସରସଂଘ-ଚାଳକ ଶ୍ରୀ ମାଧବ ସଦାଶିବ ଗୋଲୱାଲକର (ଶ୍ରୀଗୁରୁଜୀ) ଦୀର୍ଘ ୩୩ ବର୍ଷ କାଳ ସଂଘର ମୁଖ୍ୟ ରୂପେ କାର୍ଯ୍ୟ କରି ୧୯୭୩ ମସିହା ଜୁନ ମାସ ୬ ତାରିଖରେ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କର ଯେଉଁ ମହାନ ବ୍ୟକ୍ତିତ୍ୱ ଥିଲା, ତାଙ୍କ ମୃତ୍ୟୁ ପରେ ବିଶିଷ୍ଟ ବ୍ୟକ୍ତିମାନେ ଯେଉଁପରି ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି, ସେଥିରୁ ତାହା ପ୍ରତୀୟମାନ ହେଉଛି। ତାଙ୍କର ମୃତ୍ୟୁ ସମ୍ବାଦ ଶୁଣି ଆଚାର୍ଯ୍ୟ ବିନୋବା ଭାବେ କହିଥିଲେ "ଶ୍ରୀଗୁରୁଜୀଙ୍କଠାରେ ଲେଶମାତ୍ର ସଂକୀର୍ଣ୍ଣତା ନଥିଲା। ସେ ସର୍ବଦା ବିଶୁଦ୍ଧ ରାଷ୍ଟ୍ରୀୟ ଚିନ୍ତାଧାରାରେ କାର୍ଯ୍ୟ କରୁଥିଲେ। ସେ ଇସଲାମ ଓ ଖ୍ରୀଷ୍ଟିଆନ ଆଦି ଅନ୍ୟ ଧର୍ମକୁ ଅତ୍ୟନ୍ତ ଆଦର କରୁଥିଲେ। ସମସ୍ତେ ଭାରତୀୟ ଓ ଏ ଦେଶରୁ କେହି ଭିନ୍ନ ନୁହଁନ୍ତି ବୋଲି କହୁଥିଲେ।" ପୁରୀର ତତ୍କାଳୀନ ଶଙ୍କରାଚାର୍ଯ୍ୟ ପୂଜ୍ୟ ସ୍ୱାମୀ ଶ୍ରୀ ନିରଞ୍ଜନ ତୀର୍ଥଦେବ କହିଥିଲେ-"ଶ୍ରୀଗୁରୁଜୀ ଶୁଭ୍ର ବସ୍ତ୍ର ପରିଧାନ କରିଥିବା ଜଣେ ସନ୍ନ୍ୟାସୀ ଥିଲେ।" ଜୈନ ମୁନି ସୁଶୀଲ କୁମାର କହିଥିଲେ-"ଶ୍ରୀ ଗୁରୁଜୀ ଥିଲେ ସଂସ୍କୃତିର ମହାମାନବ।" ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରା ଗାନ୍ଧୀ କହିଥିଲେ-"ସଂସଦର ସଦସ୍ୟ ନଥିବା ଜନୈକ ପ୍ରତିଷ୍ଠିତ ବ୍ୟକ୍ତିତ୍ୱ ଶ୍ରୀ ଗୋଲୱାଲକରଙ୍କ ବିୟୋଗରେ ମୁଁ ମର୍ମାହତ। ସେ ବିଦ୍ୱାନ ଓ ଶକ୍ତିଶାଳୀ ଆସ୍ଥା ରଖିଥିବା ବ୍ୟକ୍ତି ଥିଲେ। ନିଜର ପ୍ରଭାବୀ ବ୍ୟକ୍ତିତ୍ୱ ଓ ନିଜର ଚିନ୍ତାଧାରା ପ୍ରତି ପ୍ରଗାଢ଼ ନିଷ୍ଠା ଯୋଗୁଁ ରାଷ୍ଟ୍ର ଜୀବନରେ ତାଙ୍କର ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଯୋଗଦାନ ଥିଲା।" ସମାଜବାଦୀ ନେତା ସମର ଗୁହ କହିଥିଲେ-"ତାଙ୍କର ରାଷ୍ଟ୍ରକାର୍ଯ୍ୟରେ ଦେଶଭକ୍ତି, ସମର୍ପଣ ଓ ସେବା ଭାବନାରେ ପ୍ରେରିତ ହୋଇ ଆଜି ହଜାର ହଜାର ଯୁବକ କାର୍ଯ୍ୟରତ ଅଛନ୍ତି।" ଅକାଳୀ ଦଳ ନେତା ଜଥେଜାର ସନ୍ତୋଷ ସିଂହ କହିଥିଲେ-"ଶ୍ରୀଗୁରୁଜୀ ଜଣେ ମହାପୁରୁଷ ଥିଲେ। ତାଙ୍କ ପରି ବ୍ୟକ୍ତି ଅମର ହୁଅନ୍ତି। ତାଙ୍କର ଦେହାବସାନରେ ଶିଖ ସମ୍ପ୍ରଦାୟର ପ୍ରଭୂତ କ୍ଷତି ହୋଇଛି।" ଜୟପ୍ରକାଶ ନାରାୟଣ କହିଥିଲେ-"ଶ୍ରୀଗୁରୁଜୀ ଜଣେ ଆଧ୍ୟାତ୍ମିକ ବିଭୁତି ଥିଲେ। ତାଙ୍କର ରାଷ୍ଟ୍ରୀୟତା ଜାଗରଣରେ ହଜାର ହଜାର ନବଯୁବକ ଆଜି ପ୍ରଭାବିତ ହୋଇଛନ୍ତି।" ବିଶିଷ୍ଟ କଂଗ୍ରେସୀ ନେତା ହାଫିଜୁଦ୍ଦିନ୍ କୁରେଶୀ କହିଥିଲେ-"ସେ ବାସ୍ତବରେ ଜଣେ ମହାପୁରୁଷ ଥିଲେ। ସେ କଦାପି ମୁସଲମାନ ବିରୋଧୀ ନଥିଲେ। ସଂଘ କଦାପି ମୁସଲମାନ ବିରୋଧୀ ସଙ୍ଗଠନ ନୁହେଁ। ଏହା ଏକ ଭ୍ରମାତ୍ମକ ପ୍ରଚାର।"

ରାଷ୍ଟ୍ର ଓ ରାଷ୍ଟ୍ରୀୟତା ଆଦି ଅବଧାରଣା ସମ୍ବନ୍ଧରେ ଶ୍ରୀଗୁରୁଜୀଙ୍କ ବିଚାର ମୌଳିକ ଓ କାଳୋଚିତ। ତାଙ୍କ ମତରେ ରାଷ୍ଟ୍ର ନିର୍ମାଣର ତିନୋଟି ସର୍ତ୍ତ ରହିଛି। ପ୍ରଥମରେ ନାଗରିକମାନେ ରାଷ୍ଟ୍ରର ଅଧିବାସୀ ଓ ସେ ରାଷ୍ଟ୍ର ଅର୍ଥାତ୍ ଭୂମି ପ୍ରତି ସମ୍ମାନ ଓ ଆଦର ଭାବନା ପୋଷଣ କରିବା ଆବଶ୍ୟକ। ଦ୍ୱିତୀୟରେ ଇତିହାସରେ ଘଟିଥିବା ଘଟଣା ପ୍ରତି ସେମାନଙ୍କ ମନରେ ସମାନ ଭାବନା ଥିବା ଆବଶ୍ୟକ। ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସମାନ ଶତ୍ରୁ-ମିତ୍ର ଭାବନା ରହିବା ଆବଶ୍ୟକ। ଏ ଦେଶ ଉପରେ ଆକ୍ରମଣକାରୀ, ଏ ଦେଶର ଶତ୍ରୁ, ସେ ମୋର ମଧ୍ୟ ଶତ୍ରୁ । ଏ ଦେଶର ନିର୍ମାଣରେ ଯେଉଁମାନଙ୍କ ଯୋଗଦାନ ରହିଛି ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନର ଭାବନା ପୋଷଣ କରିବା। ତୃତୀୟ ମହତ୍ୱପୂର୍ଣ୍ଣ ସର୍ତ୍ତ ହେଲା- ରାଷ୍ଟ୍ରର ଏକ ସଂସ୍କୃତି ଅଛି, ତାହାକୁ ସମସ୍ତେ ସ୍ୱୀକାର କରିବା। ଶ୍ରୀଗୁରୁଜୀ ତାଙ୍କର ଅନେକ ଭାଷଣରେ ଏହି ତିନୋଟି ସର୍ତ୍ତଗୁଡ଼ିକର ଭିନ୍ନ ଭିନ୍ନ ସନ୍ଦର୍ଭରେ ବିବେଚନା କରି ରାଷ୍ଟ୍ର ଓ ରାଷ୍ଟ୍ରୀୟତାର ପ୍ରତିପାଦନ କରିଛନ୍ତି। ତାଙ୍କ ମତରେ-"ଏହି ଭାରତ ଏକ ଅଖଣ୍ଡ ବିରାଟ ରାଷ୍ଟ୍ରପୁରୁଷର ଶରୀର। ଆମେ ସମସ୍ତେ ଏହାର ଛୋଟ ଛୋଟ ଅବୟବ। ଅବୟବ ପରି ଆମେ ପରସ୍ପର ମଧ୍ୟରେ ଅଙ୍ଗାଙ୍ଗୀ ପ୍ରେମଭାବ ଧାରଣ କରି ରାଷ୍ଟ୍ର ଶରୀରକୁ ଅଖଣ୍ଡ ଓ ସୁଦୃଢ଼ ରଖିପାରିବୁ।"

କେତେଜଣ ବୁଦ୍ଧିଜୀବୀ ବୌଦ୍ଧିକ ତର୍କ ଦ୍ୱାରା କହନ୍ତି, ଏହି ଦେଶ ଏକ ଅଚେତନ, ବିସ୍ତାରିତ ଜଡ଼ ଭୂଖଣ୍ଡ ମାତ୍ର। ତାଙ୍କୁ ଉତ୍ତର ଦେଇ ଶ୍ରୀଗୁରୁଜୀ କହୁଥିଲେ- "ବୌଦ୍ଧିକ ତର୍କର ମଧ୍ୟ ସୀମା ଥାଏ। ଉଦାହରଣସ୍ୱରୂପ ମନୁଷ୍ୟ ଶରୀର ମଧ୍ୟ ଭୌତିକ। ଆମର ମାତାର ଶରୀର ମଧ୍ୟ ଭୌତିକ, ଅନ୍ୟ ନାରୀର ଶରୀର ମଧ୍ୟ ସେତିକି ଭୌତିକ। ତେବେ ବ୍ୟକ୍ତି କାହିଁକି ଅନ୍ୟ ନାରୀଠାରୁ ନିଜ ମା'କୁ ଭିନ୍ନ ବୋଲି ମାନ୍ୟତା ଦିଏ ? କାରଣ ମା' ପ୍ରତି ସମ୍ମାନ ଓ ଭକ୍ତିଭାବ ଜାଗ୍ରତ ହୋଇଥାଏ।

ଠିକ୍ ସେହିପରି ଏହି ଭୂମିକୁ ଆମେ ମାତା ରୂପେ ଆଦର କରିଥାଉ। ଏଣୁ ଭାରତ ମାତାକୀ ଜୟ ଓ ବନ୍ଦେ ମାତରମ୍ କହିବାରେ ଆମେ ଗର୍ବ ଅନୁଭବ କରିଥାଉ। ଯେଉଁମାନେ ବନ୍ଦେ ମାତରମ୍‌କୁ ବିରୋଧ କରୁଛନ୍ତି, ସେମାନଙ୍କୁ ରାଷ୍ଟ୍ରୀୟ କାହିଁକି କୁହାଯିବ ? ଯେତେବେଳେ ଆମେ ଏହି ଭୂମିର ସନ୍ତାନ ବୋଲି କହିଥାଉ ସେତେବେଳେ ଏହି ଭୂମି ସମ୍ବନ୍ଧରେ ଆମର ଜ୍ଞାନ ରହିବା ଆବଶ୍ୟକ। ଆମେ ସମସ୍ତେ ଏହି ଭୂଖଣ୍ଡର ଅଧିବାସୀ। ଏହା ଆମର ମାତୃଭୂମି। ଆମେ ସମସ୍ତେ ଏହାର ପୁତ୍ର ବା କନ୍ୟା। ଆମେ ଶ୍ରଦ୍ଧାପୂର୍ବକ ବନ୍ଦେ ମାତରମ୍ ଗାନ ଗାଇଥାଉ। ଏହି ବିଶିଷ୍ଟ ରାଷ୍ଟ୍ରଗାନ ପ୍ରତି ଆମ ସମସ୍ତଙ୍କ ଅନ୍ତଃକରଣରେ ଆଦର ଓ ସମ୍ମାନ ଭାବ ରହିଛି। ଏହି ଗୀତ ଆମର ନେତୃବୃନ୍ଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ମାତୃଭୂମିର ସେବା ଓ ସ୍ୱାଧୀନତା ପାଇଁ ସର୍ବସ୍ୱ ତ୍ୟାଗ କରିବାର ପ୍ରେରଣା ଦେଇଥିଲା। ଏହି ମନ୍ତ୍ର ଗାନ କରି ଅନେକ ସ୍ୱାଧୀନତା ସଂଗ୍ରାମୀ ଫାଶୀଖୁଣ୍ଟରେ ଝୁଲିଥିଲେ। ହାତରେ ଗୀତା ଓ କଣ୍ଠରେ ବନ୍ଦେ ମାତରମ୍ ଗାନ କରି ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ହୋଇଛି। ଏହି ବଳିଦାନ ପରିଣାମ ସ୍ୱରୂପ ଆମେ ସ୍ୱାଧୀନତା ପାଇଲୁ ଓ ଇଂରେଜମାନେ ବିତାଡ଼ିତ ହୋଇଥିଲେ। ଆମେ ସ୍ୱରାଜ୍ୟ ହାସଲ କଲୁ ଓ ଆଜି ଆମେ ସ୍ୱାଧୀନତା ଉପଭୋଗ କରୁଛୁ। କିନ୍ତୁ ଆମ ଦେଶର ଦୁର୍ଭାଗ୍ୟ ଯେ ଏପରି କେତେ ଜଣ ବ୍ୟକ୍ତି ଅଛନ୍ତି, ସେମାନେ ବନ୍ଦେ ମାତରମ୍ ଗାନ କରିବାକୁ କୁଣ୍ଠାବୋଧ କରୁଛନ୍ତି। କିନ୍ତୁ ଯେ ସହର୍ଷ ଏହି ରାଷ୍ଟ୍ରଗାନ କରିବ ସେ ଏହି ରାଷ୍ଟ୍ରର ପୁତ୍ର ରୂପ ସମାଜ। ସେ ହିନ୍ଦୁ କିମ୍ବା ମୁସଲମାନ କିମ୍ବା ଯେଉଁ ଧର୍ମର ହୋଇଥାଉ, ସମସ୍ତେ ବନ୍ଦେ ମାତରମ୍ ଗାନ କରିବା ଆବଶ୍ୟକ। ଏଣୁ ସମସ୍ତେ ଏ ଦେଶକୁ ମାତୃଭୂମି ରୂପେ ସ୍ୱୀକାର କରି ଏହାକୁ ଭକ୍ତି ଓ ସମ୍ମାନ କରନ୍ତୁ ଏବଂ ଏହାର ମହିମା ସହର୍ଷ ଗାନ କରନ୍ତୁ। ଶକ୍ତିଶାଳୀ ରାଷ୍ଟ୍ର ଗଠନ ପାଇଁ ଏହା ପ୍ରଥମ ସର୍ତ୍ତ।

ଶ୍ରୀଗୁରୁଜୀ କହିଛନ୍ତି-ରାଷ୍ଟ୍ରୀୟତା ପାଇଁ ମାନସିକ ନିଷ୍ଠା ଏପରି ଏକ ତତ୍ତ୍ୱ, ଯାହାକୁ ସମ୍ପୂର୍ଣ୍ଣ ସଂସାର ସ୍ୱୀକାର କରେ। ରାଷ୍ଟ୍ର ଜୀବନରେ ଏକୀକରଣ, ଉତ୍ଥାନ ଓ ଗୌରବ ସମ୍ପାଦନ କରିବାରେ ସମର୍ଥ ଶାଶ୍ୱତ ସ୍ରୋତଗୁଡ଼ିକୁ ଶ୍ରୀଗୁରୁଜୀ ସଂକ୍ଷେପରେ ବର୍ଣ୍ଣନା କରିଛନ୍ତି। ପ୍ରଥମରେ ଅନାଦି ଅନନ୍ତ କାଳରୁ ଆମେ ଆମ ଦେଶକୁ ପବିତ୍ର ମାତୃଭୂମି ରୂପେ ସ୍ୱୀକାର କରୁଛୁ। ତା'ପ୍ରତି ଜ୍ୱଳନ୍ତ ଭକ୍ତି ଭାବନାର ଜାଗରଣ ହିଁ ସର୍ବପ୍ରଥମ ଆବଶ୍ୟକତା। ଦ୍ୱିତୀୟରେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ସହଯୋଗ ଓ ଭ୍ରାତୃତ୍ୱର ଭାବନା ଜାଗରଣ ହେବା ଆବଶ୍ୟକ। ଆମେ ଏକ ମହାନ ମାତାର ସନ୍ତାନ, ଏହି ଅନୁଭୂତି ଦ୍ୱାରା ଏପରି ଭାବନା ସୃଷ୍ଟି ହୋଇଥାଏ। ତୃତୀୟରେ ଜାତୀୟ ଜୀବନର ସମାନ ଧାରା ସମ୍ବନ୍ଧରେ ତୀବ୍ର ଚେତନାବୋଧ ରଖିବା। ଏ ଚେତନା ସମାନ ସଂସ୍କୃତି, ସମାନ ଇତିହାସ, ସମାନ ପରମ୍ପରା, ସମାନ ଆଦର୍ଶ, ସମାନ ଶ୍ରଦ୍ଧାକେନ୍ଦ୍ର ଓ ସମାନ ଆକାଙ୍କ୍ଷାରୁ ଉତ୍ପନ୍ନ ହୋଇଥାଏ। ଏହି ତ୍ରିଗୁଣାତ୍ମକ ମୂଲ୍ୟବୋଧଗୁଡ଼ିକୁ ପ୍ରତ୍ୟେକ ରାଷ୍ଟ୍ରର ଜନସାଧାରଣ ସ୍ୱୀକାର କରିବା ଆବଶ୍ୟକ। ଏହାଦ୍ୱାରା ରାଷ୍ଟ୍ରୀୟତାର ଜାଗରଣ ହେବ। ଏହି ରାଷ୍ଟ୍ରୀୟତା ଜାଗରଣ ହିଁ ଆମ ରାଷ୍ଟ୍ର ମନ୍ଦିରର ଭିତ୍ତିପ୍ରସ୍ତର।

**-ସର୍ବେଶ୍ୱର ବେହେରା**
*ଆଡ଼ଭୋକେଟ, ଖଟବିନ ସାହି, କଟକ, ମୋ-୯୪୩୭୦୧୬୩୮୪*

# ସିପିଆଇ ଜିଲ୍ଲା ସମ୍ମିଳନୀ ପାଇଁ ପ୍ରସ୍ତୁତି ବୈଠକ



କେନ୍ଦ୍ରାପଡ଼ା (ପିଏନ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସି .ପି. ଆଇ.)ର ପରିବର୍ଦ୍ଧିତ ବୈଠକ ସାଥି ସୋହାନା ବେଗମଙ୍କ ସଭାପତିତ୍ୱରେ କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଦେଶ ପାଇଁ ଶହୀଦ ହୋଇଥିବା ବଳିୟାନ ସାଥିଙ୍କ ଉଦ୍ଦେଶ୍ୟରେ ୨ ମିନିଟ ନୀରବ ଶ୍ରଦ୍ଧାଞ୍ଜଳୀ ଅର୍ପଣ ପରେ ପାର୍ଟିର ଜିଲ୍ଲା ସମ୍ପାଦକ ସାଥି ରମଣୀ ରଞ୍ଜନ ରାଉତରାୟ ବିଗତ ଦିନ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ ସହିତ ଆଗାମୀ ଦିନରେ ଜିଲ୍ଲାର ପ୍ରକୃତ ବିକାଶ ପାଇଁ ସି. ପି. ଆଇ. ବ୍ୟାପକ ଭାବେ ଲଢେଇ କରିବ ବୋଲି ଆହ୍ୱାନ ଦେଇଥିଲେ। ଶିଳ୍ପ ବିହୀନ କେନ୍ଦ୍ରାପଡା ଜିଲ୍ଲାରେ ତୁରନ୍ତ ରାଜ୍ୟ ସରକାର ଘୋଷଣା କରିଥିବା ମିତଲ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାକୁ ସେ ଦାବି କରିଥିଲେ। ଖାଲି ନିର୍ବାଚନି ବାଣ ନକରି ପୂର୍ବ ଘୋଷିତ ବିଦ୍ୟୁତ ପ୍ଲାଣ୍ଟ ଅଳାଇଲୋରେ ପ୍ରତିଷ୍ଠା କରାଯିବା, ନଦୀ ଭିତ୍ତିକ ବନ୍ଦର ପ୍ରତିଷ୍ଠା କରାଯିବାକୁ ଘୋଣଷା ହୋଇଥିଲେବି ତାହା ହୋଇପାରିଲା ନାହିଁ। ଏହାକୁ ନିଷ୍ଠାର ସହିତ କାର୍ଯ୍ୟକାରୀ କରିବାକୁ ପାର୍ଟି ପକ୍ଷରୁ ଆହ୍ୱାନ ଦିଆଯାଇଛି। ବର୍ତ୍ତମାନ ଦରଦାମ ବୃଦ୍ଧି, ଶ୍ରମିକଙ୍କ ସମସ୍ୟା, ବିଦ୍ୟୁତ ଶୁଳ୍କ ବୃଦ୍ଧି ବିରୋଧରେ ପାର୍ଟି ପକ୍ଷରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ସଙ୍ଗଠିତ ହେବାକୁ ନିଷ୍ପତି ଗ୍ରହଣ କରାଯାଇଛି। ଏଥିସହିତ ଆସନ୍ତା ଜୁନ ୧୧ ଓ ୧୨ ଦୁଇଦିନ ଧରି ପାର୍ଟିର ଜିଲ୍ଲା ସମ୍ମିଳନୀ କେନ୍ଦ୍ରାପଡାରେ ଅନୁଷ୍ଠିତ ହେବାକୁ ନିଷ୍ପତି ନିଆଯାଇଛି। ଏହି ସମ୍ମିଳନୀକୁ ରାଜ୍ୟ ସମ୍ପାଦକ ସାଥି ଆଶିଷ କାନୁନଗୋ ଉଦଘାଟନ କରିବେ। ଏହି ପ୍ରସ୍ତୁତି ବୈଠକରେ ସହ ସମ୍ପାଦକ ଆଦିକନ୍ଦ ରାଉଳ, ପୂର୍ବତନ ସଂପାଦକ ବାବାଜୀ ଧଳ, ମାର୍ଶାଘାଇ- ମହାକାଳପଡା ଜୋନ ସଂପାଦକ ବିକାଶ ଚନ୍ଦ୍ର ବେଉରା, ସୀତାକାନ୍ତ ବାରିକ, ପ୍ରଦୀପ ବେହେରା, ଦାମୋଦର ମଳିକ, ଉମେଶ ନାୟକ, ବସନ୍ତ କୁମାର ବାରିକ, ସଞ୍ଜୟ ବସନ୍ତିଆ, ଅକ୍ଷୟ କୁମାର ମଲ୍ଲିକ, ଭଜହରି ପ୍ରଧାନ ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସମ୍ମିଳନୀ ପାଇଁ ଏକ ଅଭ୍ୟର୍ଥନ କମିଟି ଗଠିତ ହୋଇ ଏହାରେ ଅଧକ୍ଷ ଭାବେ ପ୍ରଫେସର ଅଜୟ ସାମଲଙ୍କ ସମେତ ଅନ୍ୟ ୮୦ ଜଣ ସଭ୍ୟଙ୍କୁ ଚୟନ କରାଯାଇଛି ।

# ଆମ ପରିବେଶ ଓ ଆମ ଜୀବନ





ସୂର୍ଯ୍ୟକୁ ସକଳ ଶକ୍ତିର ଆଧାର କୁହାଯାଏ। ସୂର୍ଯ୍ୟକୁ କେନ୍ଦ୍ର କରି ଘୁରୁଥିବା ଗ୍ରହମାନଙ୍କ ମଧ୍ୟରୁ ପୃଥିବୀ ଗୋଟିଏ ଗ୍ରହ ଏଠାରେ ଜଳ ତରଳ ଗ୍ୟାସମୟ ଅବସ୍ଥାରେ ଅଛି। ବିଜ୍ଞାନ କୁହେ ପ୍ରଥମେ ଜୀବଜଗତ ଏହି ଜଳରୁ ହିଁ ସୃଷ୍ଟି।

ଏଇ ପୃଥିବୀ ଉପରେ କେତେ ମହାଦେଶ, ଦେଶ, ସମୁଦ୍ର, ପାହାଡ଼, ପର୍ବତ, ନଦୀନାଳ, ପ୍ରାଣୀ ଓ ଉଦ୍ଭିଦ ପରି ଜୀବଜଗତ ଅଛନ୍ତି। ଏହା ଉପରେ ଆମ ଘର। ଆମ ଘର ବାହାରେ ବିଶ୍ୱବ୍ରହ୍ମାଣ୍ଡ ଯାଏ ଯାହା ଅଛି ତାହା ଆମ ପରିବେଶ। 'ପରିବେଶ କହିଲେ ପରିବେଷ୍ଟନ'। ଏହା ଅର୍ଥ ଯାହା ଆମକୁ ଚାରିପଟୁ ଘେରିରହିଛି, ତାହା ହିଁ ପରିବେଶ। ପରିବେଶରୁ ପରିବାର ବା ପରିବାରରୁ ପରିବେଶ ସୃଷ୍ଟି। ଆମେ ବଂଚି ରହିବା ପାଇଁ ଯାହା ଯାହା ଦରକାର ଯଥା ଖାଦ୍ୟବସ୍ତ୍ର, ବାସଗୃହ, ଆମ ଶ୍ୱାସକ୍ରିୟା ପାଇଁ ଅମ୍ଳଜାନ, ଆମ ପିଇବା ପାଣି, ଆମକୁ ଧରି ରଖିବା ପାଇଁ ଧରିତ୍ରୀ ଆମ ସୂର୍ଯ୍ୟାଲୋକ, ସବୁ ହେଉଛି ପରିବେଶର ଅଂଶ। ପରିବେଶ ବିନା ଜୀବନ ନାହିଁ।

ପରିବେଶ କଥା ବିଚାର କଲାବେଳେ ଆମେ ଗୋଟିଏ ପଟେ ମଣିଷ ଓ ଅନ୍ୟପଟେ ତା' ଚାରିପଟେ ଯାହା ରହିଲା ତାକୁ ନେଇ ବିଚାର କରୁ। ମଣିଷ ଓ ତା' ପରିବାର ପରସ୍ପର ନିର୍ଭରଶୀଳ। ଗୋଟିଏ ବିନା ଆରଟି ତିଷ୍ଠିବା ସମ୍ଭବ ନୁହେଁ। ଆମେ ଏକ ଶୃଙ୍ଗ ସନ୍ତୁଳିତ ଅବସ୍ଥାରେ ବଂଚିଛେ। ପରିବେଶ ନଷ୍ଟ ହେଲେ ମଣିଷ ଜୀବନ ବିପନ୍ନ।

ଏବେ କିନ୍ତୁ ପ୍ରକୃତି ବା ପରିବେଶ ପ୍ରଭାବିତ। ଆମ ଘରଠୁ ଆରମ୍ଭ କରି ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷଣ ବ୍ୟାପି ରହିଛି। ପ୍ରଥମରୁ ଆମ ବାସ କରୁଥିବା ଗୃହ ପରିବେଶ ଠିକ୍ ନାହିଁ। ଯାବତୀୟ ମଇଳା, ଆବର୍ଜନା, ନାଳନର୍ଦ୍ଦମାର ଅପରିଷ୍କାର ପାଣି, ପଚାସଢ଼ା ପଦାର୍ଥର ଦୁର୍ଗନ୍ଧ ଇତ୍ୟାଦି ଆମ ରୋଗର କାରଣ ହୋଇପଡିଛନ୍ତି। ଗୃହ ପରିବେଶ ପରିଷ୍କାର ବା ପରିମଳ ନାହିଁ।

ଜଳର ଅନ୍ୟ ନାମ ଜୀବନ। ବେଦରେ ଲେଖା ଅଛି 'ସଲିଳଂ ସର୍ବମ୍ ଇଦମ୍'। ଏହାର ଅର୍ଥ ପୃଥିବୀରେ ଜଳ ନଥିଲେ ଜୀବଜଗତ ସୃଷ୍ଟି ହୋଇନଥାନ୍ତା। ମଣିଷ ଖାଦ୍ୟବିନା କିଛି ମାସ ବା ବର୍ଷ ବଂଚିପାରେ, ମାତ୍ର ଜଳବିନା କେଇଦିନ ବଂଚିବା ସମ୍ଭବ ନୁହେଁ। ଯେଉଁ ଜଳ ଆମର ଜୀବନ ରକ୍ଷକ ପାଲଟିଛି ଜୀବନ ଘାତକ। ଏବେ ଏହା ବିଷାକ୍ତ। ଏହାକୁ ପାନ କଲେ ଜୀବନ ନାଶ। ଜଳରେ ପେଟ୍ରୋଲିୟମ୍ ବ୍ୟବହାର କୀଟନାଶକ ବିଷର ପ୍ରୟୋଗ, ଡିଡିଟି, ସର୍ଫ, ସାବୁନ ଓ ନାଳ ନର୍ଦ୍ଦମାର ମଇଳା ପାଣି ମିଶି ଏହାକୁ ବିଷାକ୍ତ କରିପକାନ୍ତି। ଏଡାର କୁପ୍ରଭାବ ଜୀବଜଗତ ଉପରେ ପଡୁଛନ୍ତି। ଏହା ଆମର ବହୁରୋଗର କାରଣ।



ପରିବେଶରୁ କେବଳ ପବନକୁ ଅନୁଭବ କରୁ। ବାକି ସବୁ ଦେଖୁ। ପରିବେଶକୁ ଆମେ ଦୁଇଭାଗରେ ବିଭକ୍ତ କରୁ: ଜୈବିକ ପରିବେଶ ଓ ଅଜୈବିକ ପରିବେଶ। ଜୈବିକ ପରିବେଶ ମଧ୍ୟରେ ସମସ୍ତ ପ୍ରାଣୀ ଓ ଉଦ୍ଭିଦ ଜଗତ ଅନ୍ତର୍ଭୁକ୍ତ। ଯଥା: ଗାଈ, ଛେଳି, ମେଣ୍ଢା, ବାଘ, ଭାଲୁ, ହାତୀ, ମଣିଷ ଇତ୍ୟାଦି ପ୍ରାଣୀ ଅଛନ୍ତି। ସେମିତି ଉଦ୍ଭିଦରେ ଘାସଠୁ ଆରମ୍ଭ କରି ବିରାଟ ଗଛ ଯାଏ ଅଛନ୍ତି।

ଯେଉଁମାନଙ୍କର ଜୀବନ ନାହିଁ, ସେମାନେ ଜଡ଼ ବା ଅଜୈବ ପରିବେଶ ଅନ୍ତର୍ଗତ ଅଟନ୍ତି। ଏମାନେ ମାଟି ଗୋଡ଼ିଠୁ ଆରମ୍ଭ କରି ପାହାଡ଼, ପର୍ବତ, ଜଳ, ବାୟୁ, ସୂର୍ଯ୍ୟାଲୋକ ଏବଂ ବିଶ୍ୱବ୍ରହ୍ମାଣ୍ଡରେ ପ୍ରାଣ ନଥିବା ସମସ୍ତ ପଦାର୍ଥ ଅଟନ୍ତି ।

ଏହା ବାଦେ ଆଉ ଦୁଇଟି ପରିବେଶ ଅଛି: ପ୍ରାକୃତିକ ଓ କୃତ୍ରିମ ପରିବେଶ। ପ୍ରାକୃତିକ ହିଁ ଜୀବନ ଓ ଜଡ଼ ଜଗତର ସମାହାର ଅଟେ। କୃତ୍ରିମ କହିଲେ ଯାହା ମଣିଷକୃତ ଅର୍ଥାତ୍ ମଣିଷ ତା' ଆବଶ୍ୟକତାକୁ ନେଇ ଯାହା କରେ ଯେମିତି ଗୃହକୁ ନେଇ ଗୃହ ପରିବେଶ, ସେମିତି ଶିକ୍ଷା ପାଇଁ ବିଦ୍ୟାଳୟ ପରିବେଶ। ଏମିତିରେ ମଣିଷ ତା' ସୁବିଧା ପାଇଁ ଯାହା ଯାହା କରେ, ତାହା ହିଁ କୃତ୍ରିମ ପରିବେଶ। ଅନ୍ୟାନ୍ୟ ପରିବେଶ ମଧ୍ୟରେ ଅଛନ୍ତି ସାମାଜିକ ଓ ପ୍ରାକୃତିକ ପରିବେଶ, ସାମାଜିକ ଓ ନାଗରିକ ପରିବେଶ ଓ ସାଂସ୍କୃତିକ ପରିବେଶ ଇତ୍ୟାଦି।

ପରିବେଶର ଏକ ମୂଲ୍ୟବାନ ଅଂଶ ଆମ ଜଙ୍ଗଲ। କଥାରେ ଅଛି ଜଙ୍ଗଲରେ ମଙ୍ଗଳ ଥାଏ। ଜଙ୍ଗଲ ବର୍ଷାର ଗୋଡ଼, ପଶୁପକ୍ଷୀ ମାନଙ୍କର ଘର, ମୃତ୍ତିକାର ସଂରକ୍ଷକ, ଅମ୍ଳଜାନ ଓ ଅଙ୍ଗାରକାମ୍ଳର ସନ୍ତୁଳନ ରକ୍ଷାକରେ। ଏହା ମଣିଷକୁ କାଠ, ବାଉଁଶ, ସବାଇ ଘାସ ଓ ଔଷଧି ଗଛ ଯୋଗାଏ। ଅଥଚ ଏବେ ପୃଥିବୀରୁ ଜଙ୍ଗଲ ନିଶ୍ଚିହ୍ନ ହେବାରେ ଲାଗିଛି । ଏଣୁ ବଢ଼ିଛି ବିଶ୍ୱତାପନ, ବରଫ ତରଳା ଇତ୍ୟାଦି।

ଜଳ ପରି ବାୟୁ ବିନା ମଣିଷ ବଂଚିବ ନାହିଁ। ବାୟୁରେ ଥିବା ଅମ୍ଳଜାନ ମଣିଷର ଶ୍ୱାସକ୍ରିୟା ମାଧ୍ୟମରେ ଯାଇ ଶରୀରରେ ଯାବତୀୟ ଦହନ କାର୍ଯ୍ୟ କରେ। ଏବେ ସେ ବାୟୁରେ ଭାସମାନ ଦୂଷିତ ପଦାର୍ଥ, ରୋଗ ଜୀବାଣୁ ସୃଷ୍ଟ କଣିକା, ଗ୍ୟାସୀୟ ପଦାର୍ଥ, ଦହନଜାତ ପଦାର୍ଥ, ବିଭିନ୍ନ ତେଜସ୍କ୍ରିୟ ରଶ୍ମି ଇତ୍ୟାଦିର କୁପ୍ରଭାବ ଅଛି। ଏଥିରେ ବିଭିନ୍ନ ପ୍ରକାର ଗ୍ୟାସୀୟ ଉପାଦାନ ଭୋପାଳ ଦୁର୍ଘଟଣା ପରି ଦୁଃଖଦ ଘଟଣା ଘଟାଇଥାଆନ୍ତି।

ଏକଥା ସତ୍ୟ ଯେ ମାଟି ବିନା ଜୀବନ ବିପର୍ଯ୍ୟସ୍ତ। ମା' ଓ ମାଟି ଆମକୁ ଧାରଣ ଓ ପୋଷଣର ଆଧାର। ମାଟି ହିଁ ମୃତ୍ତିକା। ପ୍ରାଣୀ ଓ ଉଦ୍ଭିଦ ସମସ୍ତେ ମୃତ୍ତିକା ଉପରେ ନିର୍ଭରଶୀଳ। ମୃତ୍ତିକାରେ ଚାଷବନ୍ଦୀ ହୁଏ। ଖାଦ୍ୟ ଫଳାଏ। ଏବେ ଏ ମୃତ୍ତିକାରେ ପ୍ରଚୁର ପରିମାଣରେ ରାସାୟନିକ ସାର ଓ କୀଟନାଶକ ବିଷ ପ୍ରୟୋଗ ହେଉଛି। ନାଳନର୍ଦ୍ଦମାର ଦୂଷିତ ଜଳ, କଳ କାରଖାନାର ଆବର୍ଜନା ମିଶ୍ରିତ ଜଳ, ଯାବତୀୟ ବର୍ଜ୍ୟବସ୍ତୁ ଯଥା-ଟିଣ, ପ୍ଲାଷ୍ଟିକ, ପଲିଥିନ୍, ଛିଣ୍ଡା ଟାୟାର ଓ ଟ୍ୟୁବ୍ ଗ୍ୟାରେଜମାନଙ୍କର ନିଗିଡ଼ା ତେଲ ଏସବୁ ମାଟିରେ ମିଶିଛି ଏବଂ ମାଟିକୁ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ପ୍ରଦୂଷିତ କରୁଛି। ଏପଟେ ମୃତ୍ତିକା କ୍ଷୟ ଘଟୁଛି। ଉଭୟ ପ୍ରଦୂଷଣ ଓ ମୃତ୍ତିକା କ୍ଷୟ ଆମର କ୍ଷତି କରନ୍ତି।

ଆମ ପରିବେଶର ଶବ୍ଦ ପ୍ରଦୂଷଣ ଅନ୍ୟ ଏକ କ୍ଷତିକାରକ। ସାଧାରଣ ବ୍ୟକ୍ତି ପାଇଁ ୮୦-୧୨୦ ଡେସିବଲ ମଧ୍ୟରେ ଧ୍ୱନି ଯଥେଷ୍ଟ। ତହିଁରୁ ଅଧିକ ବା କମ୍ କ୍ଷତିକାରକ। ଶବ୍ଦ ପ୍ରଦୂଷଣର କାରକମାନେ ହେଲେ ସ୍କୁଟର, ମଟରସାଇକେଲ, କାର୍, ଟେମ୍ପୁ, ଭ୍ୟାନ୍, ବସ୍, ଟ୍ରାକ୍ଟର, ଉଡ଼ାଜାହାଜ, ମହାକାଶଯାନ, ପାଣିଜାହାଜ, ପପ୍ ସଂଗୀତ, କଳକାରଖାନା



ଯନ୍ତ୍ରପାତିର ଶବ୍ଦ, ବାଣମରା, ବୋମା ବିସ୍ଫୋରଣ ଇତ୍ୟାଦି। ତା'ସହିତ ପ୍ରାକୃତିକ ଘଡ଼ଘଡ଼ି ଚଡ଼ଚଡ଼ି ଅଛି ଏବଂ ଯୁଦ୍ଧକାଳୀନ ଅସ୍ତ୍ରର ବ୍ୟବହାର ଶବ୍ଦ ଅଛି। ଏମାନେ ସମସ୍ତେ ୧୨୦ ଡେସିବଲଠାରୁ ଅଧିକ ଶବ୍ଦ ସୃଷ୍ଟି କରନ୍ତି। ଏଣୁ କ୍ଷତିକାରକ ଅଟନ୍ତି।

ସେମିତି ବାୟୁ, ଜଳ ଓ ଭୂଭାଗ ମଣିଷକୃତ କୌଣସି କାର୍ଯ୍ୟକାରଣରୁ ତାପମାତ୍ରାର ବୃଦ୍ଧି ବା ହ୍ରାସ ଦ୍ୱାରା ତାପ ପ୍ରଦୂଷଣ ଘଟେ। ତାପମାତ୍ରା ବୃଦ୍ଧିରେ ପରିବେଶ ଓ ତା'ର ଜୀବଜନ୍ତୁଙ୍କ ଉପରେ ମାରାତ୍ମକ ପ୍ରଭାବ ପକାଏ।

ଏବେ ବଳାଏ ମହାକାଶ ପ୍ରଦୂଷଣ। ପୃଥିବୀପୃଷ୍ଠରୁ ୧୦୦୦ କି.ମି ଯାଏ ବାୟୁ ପ୍ରଦୂଷିତ ଏହା ଆମେ ଜାଣୁ। ଏହାପରେ ମହାକାଶ। ଏହା ବାୟୁରହିତ। ଏହି ମହାଶୂନ୍ୟରେ ରକେଟ୍, ଉପଗ୍ରହ ଓ ମହାକାଶଯାନଙ୍କ ସ୍ଥିତି ଚଳାଚଳ ଏମାନଙ୍କ ଯନ୍ତ୍ରପାତିରେ ଇନ୍ଧନର ଦହନରୁ ଚାଳିତ। ଏମାନଙ୍କର ବିଷାକ୍ତ ଗ୍ୟାସ୍ ଓ ଭଙ୍ଗାରୁଜା ଅଂଶ ଏବେ ମହାକାଶରେ ଠୁଳ ଯେଉଁମାନେ ମହାକାଶକୁ ପ୍ରଦୂଷିତ କରନ୍ତି।

ଏମିତିରେ ଆମ ଘର ପରିବେଶକୁ ବିଶ୍ୱ ବ୍ରହ୍ମାଣ୍ଡ ଯାଏଁ ପ୍ରଦୂଷିତ। ଆମେ ବଂଚିବା ତ ? ବିଜ୍ଞାନ ଅନୁସାରେ ଆମ ପୃଥିବୀ ଅତି ବେଶିରେ ୩୫୦ କୋଟି ଲୋକଙ୍କୁ ଠିକ୍ ଭାବରେ ଧାରଣ କରିପାରେ। ଏବେ ଏହା ୧୦ ଶହ କୋଟି। ପ୍ରଦୂଷଣକୁ ଜନସଂଖ୍ୟା ଚାପ ବଳାଏ।

ଏସବୁ ବିଚାର କରି କୁହାଯାଇଛି ଆମ ପୃଥିବୀ ଏବେ ରୁଗ୍ଣ ହୋଇ ପଡ଼ିଛି ଏବଂ ସେ ତା'ର ଜରୁରୀ ନିରାକରଣ ଚାହୁଁଛି। ଆମେ ଯଦି ସଂଘବଦ୍ଧ ଭାବରେ ଏହାର ମୁକାବିଲା ପାଇଁ ହାତ ନ ମିଳାଇବା ଏ ମଣିଷ ଜାତି ଅଚିରେ ଧ୍ୱଂସ ପାଇଯିବ।

ଏସବୁ ମଣିଷର ପ୍ରକୃତି ପ୍ରତି ଅତ୍ୟାଚାରର ଫଳ। ଏହାକୁ ବନ୍ଦ କରିବାକୁ ହେବ। ନୋହିଲେ ପ୍ରକୃତି ଆମକୁ ସମୁଚିତ ଶିକ୍ଷା ଦେବ। ପ୍ରଥମେ ପ୍ରକୃତି ଏବଂ ପରେ ଆମ କଥା ଆମକୁ ବିଚାର କରିବାକୁ ହେବ।

**ବିପିନବିହାରୀ ମହାନ୍ତି**
*ଅଧକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଏବଂ ଗବେଷଣା ପ୍ରତିଷ୍ଠାନ, ବିକାଶନଗର, ଜଟଣୀ, ଖୋର୍ଦ୍ଧା, ଫୋନ୍-୯୯୩୮୩୪୪୧୩୮*

# ଟାଟା ଇଲେକ୍ଟ୍ରିକ ଭାଇକିଲର ମୁଖ୍ୟ ଲକ୍ଷ୍ୟ : ଭ୍ରାନ୍ତ ଧାରଣା ଦୂରୀକରଣ, ଭାରତର ଇଭି ଭବିଷ୍ୟତର ବିଶ୍ୱାସ

ଟାଟା,(ପି.ଏନ) : ଟାଟା ଇଲେକ୍ଟ୍ରିକ ଭାଇକିଲ କ୍ଷେତ୍ରର ଅଗ୍ରଣୀ ଏବଂ ଭାରତର ଇ,ଭି ବିପ୍ଳବର ମାର୍ଗଦର୍ଶକ, ଅସଂଖ୍ୟ ଉପଭୋକ୍ତାଙ୍କ ଦ୍ୱାରା ବୈଦ୍ୟୁତିକ ଭେହିକିଲ୍ ?ର ବ୍ୟବହାର ଏବଂ ଭବିଷ୍ୟତ ପ୍ରସ୍ତୁତି ଜନିତ ବୈଦ୍ୟୁତିକ ଗତିଶୀଳତା ବିଷୟରେ ଭ୍ରାନ୍ତ ଧାରଣା ଦୂରିକରଣ ବିଷୟରେ ଅଗ୍ରସର।ଇଭି ସମ୍ପର୍କିତ ଏକ ବଡ ଭ୍ରାନ୍ତ ଧାରଣା ହେଉଛି ଏଗୁଡିକ ସୀମିତ ଦୂର ପର୍ଯ୍ୟନ୍ତ ଯାଇପାରିବ। ନେକ୍ସନ ଇଭି ୪୫ ଏବଂ କର୍ଭ ଇଭି ଭଳି ଟାଟା ଇଭି ର ଉତ୍ପାଦଗୁଡିକ ଏହି ଭ୍ରାନ୍ତ ଧାରଣା ଦୂର କରୁଛି। ଯେହେତୁ ଏଗୁଡିକ ୪୮୯-୫୦୨ କିଲୋମିଟର (ପି୧+ପି୨) ଏବଂ ସି ୭୫ ରେଞ୍ଜର ଆକର୍ଷଣୀୟ ଏ ଆର ଆଇ-ସାର୍ଟିଫାଏଡ୍ ? ରେଞ୍ଜ ଅଫର କରୁଛି । ଉଭୟ ମଡେଲ୍ ଫାଷ୍ଟ୍ ? ଚାର୍ଜିଂ କରେ, ୪୦ ମିନିଟରେ ୧୦-୮୦% ପର୍ଯ୍ୟନ୍ତ ଦୃଷ୍ଟିଗୋଚର ଭାବରେ, କର୍ଭ ଇଭି ୭୦ କିଲୋ ୱାଟ ଚାର୍ଜର ବ୍ୟବହାର କରି ୧୫ ମିନିଟରେ ୧୫୦ କିଲୋମିଟର ପର୍ଯ୍ୟନ୍ତ ଯାଇପାରେ।କମ୍ପାନୀ ମଧ୍ୟ ଉପଭୋକ୍ତାଙ୍କର ପସନ୍ଦରେ ପରିବର୍ତ୍ତନ ଅନୁଭବ କରୁଛନ୍ତି ।୨୦୨୪ ରେ ୪୭% ଉପଭୋକ୍ତାଙ୍କର ଦୃଷ୍ଟିକୋଣରେ ପରିବର୍ତ୍ତନ ଦେଖୁଛି ।ସେମାନେ ଦୈନିକ ୭୫ କିଲୋମିଟରରୁ ଅଧିକ ଗାଡି ଚଳାଇଛନ୍ତି । ଯେତେବେଳେ ଏହା ୨୦୨୦ ରେ ମାତ୍ର ୧୩% ଥିଲା, ତେଣୁ ସହର ଭିତର ସୀମିତ ଯାତ୍ରା ପାଇଁ ଇଭି ଭେହିକିଲ୍ ? ଯେ ସମ୍ଭବ ସେହି ଭ୍ରାନ୍ତ ଧାରଣା ଦୂର ହୋଇଛି ।ଆଇ ସି ଇ ତୁଳନାରେ ଇଭି ଗୁଡିକ ଅଧିକ ଦାମ୍ ?, ଏହି ଭ୍ରାନ୍ତ ଧାରଣା ମଧ୍ୟ ଆଉ ସତ୍ୟ ନୁହେଁ ।ଟାଟା ଇଭି, ସ୍ଥାନୀୟକରଣ ଏବଂ ପ୍ରଯୁକ୍ତିବିଦ୍ୟା ଉନ୍ନତକରଣ ମାଧମରେ,କର୍ଭ ଇଭି ଏବଂ ନେକ୍ସନ ଇଭି ର ଦାମ୍ ? ମୋଟାମୋଟି ଉପରେ ଅଗ୍ରଣୀ ଆଇ ସି ଇ ସହିତ ସମାନ କରିପାରିଛି, ତା ସହିତ ଏଥିରେ ଅଧିକ ବିଶେଷତା ରହିଛି, ଅଧିକ ଉପଭୋକ୍ତା ଇଲେକ୍ଟ୍ରିକ୍ ? ଗତିଶୀଳତାର ଆନନ୍ଦ ନେଇପାରୁଛନ୍ତି । ଖର୍ଚ୍ଚ ଦୃଷ୍ଟିକୋଣରୁ ମୀତବ୍ୟୟତା ହେବା ସଙ୍ଗେ ସଙ୍ଗେ ଇଭି ଗୁଡିକ ଅଟୋମେଟିକ୍ ?, ଶବ୍ଦବିହୀନ, ଶକ୍ତିଶାଳୀ ଡ୍ରାଇଭ୍ ?, ଅଧିକ ଆନନ୍ଦମୟ, ଏବଂ ଅଳ୍ପ ମେଣ୍ଟେନାନସ୍ ? ଖର୍ଚ୍ଚ ବିଶିଷ୍ଟ ଅଟେ ।ପ୍ରଥାଗତ ପାୱାର୍ ଟ୍ରେନ୍ ? ଅନୁସାରେ ଏହାର ଅଳ୍ପ ସଂଖ୍ୟକ ମୋଭିଙ୍ଗ ପାର୍ଟ୍ ? ରହିଥାଏ । ପ୍ରଥାଗତ ଇନ୍ଧନ ଭେହିକିଲ ତୁଳନାରେ ଜଣେ ଇଭି ଉପଭୋକ୍ତା ପାଞ୍ଚ ବର୍ଷ ଭିତରେ ?୪,୨ ଲକ୍ଷ ଟଙ୍କା ସଞ୍ଚୟ କରିପାରିବେ, ଯାହାକି ବୈଦ୍ୟୁତିକ ଗତିଶୀଳତା ତତ୍ତ୍ୱକୁ ମଜଭୁତ କରୁଛି ।ଇଭି ସେଗମେଣ୍ଟରେ ଟାଟା ଇଭି ନୂତନ ସୁରକ୍ଷା ମାନଦଣ୍ଡ ସ୍ଥାପନ କରିଚାଲିଛି ।ପଞ୍ଚ ଇଭି,ନେକ୍ସନ ଇଭି, ଏବଂ କର୍ଭ ଇଭି ସମସ୍ତେ ବିଏନସିପି ରୁ ଏକ ପ୍ରଭାବଶାଳୀ ୫ବିଏନସିଏପି-ଷ୍ଟାର ସୁରକ୍ଷା ରେଟିଂ ହାସଲ କରିଛନ୍ତି । ଏହି ଭେହିକିଲ୍ ?ଗୁଡ଼ିକ ଛଅଟି ଏୟାରବ୍ୟାଗ୍,ଆଇ ପି ୬୮ରେଟ୍ ହୋଇଥିବା ଜଳପ୍ରତିରୋଧୀ ଏବଂ ଧୂଳିପ୍ରତିରୋଧୀ ମୋଟର ଏବଂ ଉନ୍ନତ ଲେଭଲ୍-୨ ଏ ଡି ଏ ଏସ ପ୍ରଯୁକ୍ତିବିଦ୍ୟା ଭଳି ବୈଶିଷ୍ଟ୍ୟ ସହିତ ଡ୍ରାଇଭର ଏବଂ ଯାତ୍ରୀ ସୁରକ୍ଷାକୁ ପ୍ରାଥମିକତା ଦିଅନ୍ତି ।ସଚେତନତା ବୃଦ୍ଧି କରିବା, ସମ୍ପ୍ରଦାୟକୁ ସକ୍ରିୟ କରିବା ଏବଂ ଟାଟା ଇଭି କ୍ରୟ ଏବଂ ସେବା ପାଇଁ ଏକ ସମର୍ପିତ ୱାନ୍-ଷ୍ଟପ୍ ସମାଧାନ ପ୍ରଦାନ କରିବା ପାଇଁ, କମ୍ପାନୀ ସାରା ଭାରତରେ ଛଅଟି ଇଭି-ସ୍ୱତନ୍ତ୍ର ଷ୍ଟୋର ଏବଂ ତିନୋଟି ଉତ୍ସର୍ଗିତ ସେବା କେନ୍ଦ୍ର ଆରମ୍ଭ କରିଛି ।ଟାଟା ଇଭି ସହଜ ପ୍ରାପ୍ତତା ବୃଦ୍ଧି କରି, ବ୍ୟବହାର ପ୍ରତିବନ୍ଧକ ଦୂର କରି ଏବଂ ଏଥି ସହିତ ଜଡିତ ଥିବା ସମସ୍ତ ଭ୍ରାନ୍ତ ଧାରଣା ଦୂର କରି ଇଭି ଗୁଡିକୁ ବ୍ୟବହାରିକ ମୂଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ପାଇଁ ପ୍ରତିଶୃତିବଦ୍ଧ, ଉପଭୋକ୍ତାମାନେ ବର୍ତ୍ତମାନ ପ୍ରାରମ୍ଭିକ ସ୍ତରରୁ ଆଗକୁ ଯାଇ ଅଧିକରୁ ଅଧିକ ଏହା କ୍ରୟ କରୁଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଫେବୃଆରୀ ୨୭

# ଭୂମିପୁତ୍ର ଭୂୟାଁ ସମ୍ପ୍ରଦାୟ ଏକ ଆଲୋଚନା



ଉମାଶଙ୍କର ପ୍ରସାଦ

ଉତ୍କଳର ବହୁ ପ୍ରାଚୀନ କାଳର ନାମ କଳିଙ୍ଗ ଥିଲା। ପୌରାଣିକ ବିବରଣୀ ଅନୁସାରେ ରାକ୍ଷସ ରାଜା ବଳୀଙ୍କର ପତ୍ନୀ ସୁଦେଷ୍ଣାଙ୍କ ଗର୍ଭରୁ ପାଂଚ ପୁତ୍ର ଜନ୍ମ ଲାଭ କରିଥିଲେ। ସେହି ପାଂଚ ପୁତ୍ରଙ୍କ ମଧ୍ୟରୁ ତୃତୀୟ ପୁତ୍ର 'କଳିଙ୍ଗ' ଙ୍କ ନାମାନୁସାରେ କଳିଙ୍ଗ ଭୂମିର ନାମକରଣ ହୋଇଥିଲା। ଆର୍ଯ୍ୟୋ ର କଳିଙ୍ଗ ଭୂମିର କକ୍ଷୀବନ୍ତ ଆର୍ଯ୍ୟ ବୈଦିକ ସମାଜରେ ପ୍ରତିଷ୍ଠା ଲାଭ କରିଥିଲା। କଳିଙ୍ଗ ରାଣୀଙ୍କର ଦାସୀ ଉସିକ ଗର୍ଭରେ ଦୀର୍ଘତମା ଋଷିଙ୍କ ଔରସରେ 'କକ୍ଷୀବାନ' ଜନ୍ମ ଗ୍ରହଣ କରିଥିଲେ। ଏଣୁ କକ୍ଷୀବାନ ନୀଚବଂଶ ସମ୍ଭୁତ ବୋଲି ମହାଭାରତ, ବାୟୁପୁରାଣ ଓ ମତ୍ସ୍ୟପୁରାଣରେ ସୂଚିତ। 'ପ୍ୟୁନିଷ୍ଟ'ଙ୍କ ଭାରତ ଆଗମନ କାଳରେ କଳିଙ୍ଗ ତିନି ଭାଗରେ ବିଭକ୍ତ ହୋଇଥିଲା। ଯାହା ଥିଲା :- କଳିଙ୍ଗ, ତୁଣ୍ଡୁ-କଳିଙ୍ଗ ଓ ମଶଖ କଳିଙ୍ଗ। ପରବ କାଳରେ ଏହା ଉତ୍କଳ ବା ଉଡ୍ର ( ଗଙ୍ଗାଠାରୁ ବୈତରଣୀ), କଙ୍ଗୋଦ ବୈତରଣୀରୁ ଦକ୍ଷୀଣ ଚିଲିକା ମୁହାଣ ପର୍ଯ୍ୟନ୍ତ କଳିଙ୍ଗ ଭୂମିନାମରେ ବିଦିତ ଥିଲା ଏବଂ ଯେଉଁଥିରେ ସୂର୍ଯ୍ୟବଂଶୀ ରାଜାମାନେ ରାଜତ୍ୱ କରୁଥିଲେ। ସେତେବେଳେ କେନ୍ଦୁଝର ଜୋହାର ରାଜ୍ୟର ଖିଜିଲିଙ୍ଗ୍ ଓ ପରେ ପମଗରଭ କ୍ଷେତ୍ର ମଣ୍ଡଳ ଭାବେ ବିଦିତ ଥିଲା। ଏଠାରେ ପୁଷ୍ପଗିରି ନାମରେ ସଂସ୍ଥାନ ଥିଲା। ସେହି ପୁଷ୍ପଗିରି ସେତେବେଳେ 'ଲଳିତଗିରି, ଉଦୟଗିରିର ବିଶ୍ୱବିଦ୍ୟାଳୟ ରୂପେ ପରିଚିତ ହେଉଥିଲା। ଭୌମକର ମାନଙ୍କ ରାଜତ୍ୱ କାଳରେ ଏହା ଏକ ପ୍ରସିଦ୍ଧ ଶିକ୍ଷାପୀଠରେ ପରିଣତ ହୋଇଥରଲା। ଏହି ଭୌମବଂଶରୁ ଭୂୟାଁମାନଙ୍କର ଜନ୍ମ। ଗଜପତି କପିଳେନ୍ଦ୍ର ଦେବ ଏହି ଭୌମବଂଶରୁ ସମ୍ଭୁତ ହୋଇ ସୂର୍ଯ୍ୟବଂଶ ରାଜତ୍ୱର ପଥପ୍ରଦର୍ଶକ ଥିଲେ। ସେହି ଭୌମବଂଶରୁ ଉତ୍ପନ୍ନ ଜୟସିଂଙ୍କ ଦ୍ୱିତୀୟ ପୁତ୍ର ଜ୍ୟୋତି ଭଞ୍ଜ ଓ ପ୍ରଥମ ପୁତ୍ର ଆଦି ଭଞ୍ଜ ବୈତରଣୀ ନଦୀ କୂଳରେ ଜ୍ୟୋତିପୁର ତଥା ଆଦିପୁର ( ବ ମାନର ଖିଚିଂ) ସନ୍ନିକଟ 'ମୟୁରଭଞ୍ଜ' ର ରାଜା ହୋଇଥିଲେ। ସେହି ଭୂୟାଁମାନଙ୍କୁ ନେଇ ଭଂଜବଂଶ ଆବିର୍ଭାବ ପୂର୍ବରୁ ଏହି ରାଜ୍ୟରେ ୨୧ ଜଣ ରାଜା ରାଜୁତି କରି ସାରିଥିଲେ। ଏହି ଚତୁର ଭୂୟାଁମାନେ ଜୟସିଂଙ୍କୁ ଗାଦିସୀନ କରାଇ ସାରିଲା ପରେ ଏହି ମଣ୍ଡଳକୁ କେନ୍ଦୁଝର ନାମରେ ନାମିତ କରିଥିଲେ। କେନ୍ଦୁଝର ଇତିହାସ (ଏକ୍ଟକ୍ଷୟରଭ ଜବଙ୍କଗ୍ମବଙ୍ଗ ଓ ଉକ୍ଟଭୟରଭ ଜବଙ୍କଗ୍ମବଙ୍ଗ) ତାଙ୍କ ବହିରେ ଦର୍ଶାଇଛନ୍ତି। ୧୧୬୮ ଖ୍ରୀ.ଅରେ ଖିଚିଙ୍ଗକୋଟର ରାଜା ଆଦିଭଞ୍ଜ ସାନଭାଇ ଜ୍ୟୋତିଭଞ୍ଜଙ୍କୁ ଭୂୟାଁମାନେ ଗୋପନରେ ଚୋରାଇ ଆଣି ବିଭିନ୍ନ ସ୍ଥାନରେ ତାଙ୍କୁ ଲୁଚାଇ ରଖି ଶେଷରେ ଭୂୟାଁପୀଢ ଅନ୍ତର୍ଗତ ବଂଶପାଳରେ ରଖି ରାଜମର୍ଯ୍ୟାଦାସହ ତାଙ୍କର ଲାଳନ ପାଳନ କରୁଥିଲେ। ଲୋକକଥାରୁ ଜଣାଯାଏ ଯେ ଭଞ୍ଜଭୂମି କେନ୍ଦୁଝରରେ ଆଦିମ ବନବାସୀମାନଙ୍କୁ ଭଞ୍ଜବଂଶର ରାଜାମାନେ ଶାସନ କରି ଆସୁଥିଲେ ବରଂ ଭୂୟାଁମାନେ ସ୍ୱଇଚ୍ଛାରେ ଜଣେ ଭଞ୍ଜ ରାଜପୁତ୍ରଙ୍କୁ ଆଣି ନିଜର ଶାସକ କରାଇଥିଲେ ବୋଲି ପ୍ରବାଦ ଅଛି। ଓଡିଶାର ପୂର୍ବତନ ଗଡଜାତ ରାଜ୍ୟ କେଉଁଝର ବଣେଇ ଗାଙ୍ଗପୁର ପାଲଲହଡା ଓ ବାମଣ୍ଡା ଭୂୟାଁମାନଙ୍କର ଆଦି ବାସସ୍ଥଳ ଥିଲା। ଏହି ରାଜ୍ୟରେ ଭୂୟାଁ ସର୍ଦ୍ଦାର ରାଜାଙ୍କୁ ତିଳକ ନକଲା ଯାଏ ରାଜାଙ୍କର ସିଂହାସନ ଆରୋହଣ ଅସିଦ୍ଧ ହେଉଥିଲା।

କିମ୍ବଦନ୍ତୀ ଅନୁସାରେ ଭୂୟାଁମାନେ ଚାରି ଜାତିରେ ବିଭକ୍ତ ଯଥା :- ପରଜା ଭୂୟାଁ, ଦଣ୍ଡସେନା ଭୂୟାଁ, ସାନ୍ତାଳୀ ଭୂୟାଁ ଓ ଖଣ୍ଡାୟତ ଭୂୟାଁ। ଏହି ଭୂୟାଁମାନେ ବାରଗୋଟି ପାଟକରେ ବିଭକ୍ତ ହେବାର ପ୍ରଥା ରହିଛି। ଯଥା—ଠାକୁର ( ରାଜବଂଶଧର ସାମନ୍ତ),ନାଇକ (ସେନାପତି),ପ୍ରଧାନ (ଗାଁ ମୁଖିଆ), ଛତ୍ରିଆ (ରାଜାଙ୍କର ଛତ୍ରଧାରୀ), କାଲୋ (ଗୁଣି ବାପୂଜକ), ଦେହୁରୀ (ପୁରୋହିତ), ସାହୁ (ମହାଜନ ଗ୍ରହିତା) ମାଝି (ଦଳପତି), ବେହେରା (ପରାମର୍ଶଦାତା) ଓ ଦଣ୍ଡମେଳା (ପୋଲିସ କର୍ମଚାରୀ)। ଏହି ଭୂୟାଁମାନେ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ ଯଥା- ରାଜକୁଳୀ ଭୂୟାଁ ଓ ପାହାଡି ଭୂୟାଁ। ରାଜକୁଳୀ ଭୂୟାଁମାନେ ରାଜାଙ୍କର ସେବା କାର୍ଯ୍ୟରେ ନିୟୋଜିତ ଥିବାବେଳେ ପାହାଡି ଭୂୟାଁ ବା ମାଲଭୂୟାଁ ସମତଳ ଅଂଚଳ ଏବଂ ପାହାଡି ଅଂଚଳରେ ବସବାସ କରନ୍ତି। ଏହି ପାହାଡି ଭୂୟାଁ କାଳକ୍ରମେ ଅପଭ୍ରଂଶ ହୋଇ 'ପାଉଡିଭୂୟାଁ'ଶବ୍ଦର ଉତ୍ପତି ହୋଇଛି। ପ୍ରତ୍ୟେକ ଗ୍ରାମର ମଧ୍ୟ ଭାଗରେ ଗୋଟିଏ ମଣ୍ଡାଘର ନିର୍ମିତ ହୋଇଥାଏ ଯାହା ଭୂୟାଁମାନଙ୍କ କର୍ମକ୍ଳାନ୍ତ ଜୀବନକୁ ସରସ ସୁନ୍ଦର କରିବା ପାଇଁ ପ୍ରତ୍ୟେହ ସନ୍ଧ୍ୟାରେ ସେମାନେ ସମ୍ମିଳିତ ହୋଇ ସେମାନଙ୍କର ଭାବ ବିନିମୟ କରିଥାନ୍ତି। ଏବଂ ଚାଙ୍ଗୁ ବାଦ୍ୟର ତାଳେ ତାଳେ ନାଚ ଗୀତର ଆସର ଜମି ଉଠେ। ଅତିତରେ ବ୍ରିଟିଶ ସମୟରେ ରାଜା ମହାରାଜା ମାନେ ନିଜର ସ୍ଥିତିକୁ ସୁଦୃଢ କରିବା ପାଇଁ ଭୂୟାଁ ଜାତି ଭିତରେ ବିଭାଜନ ସୃଷ୍ଟି କରି ସେମାନଙ୍କୁ ଦୁର୍ବଳ କରିଦେଇଥିଲେ। ଏହାର ଜ୍ୱଳନ୍ତ ଉଦାହରଣ ହେଉଛି କେନ୍ଦୁଝର ଓ ସୁନ୍ଦରଗଡ ଜିଲ୍ଲା ଜାତି ବିଭାଜନ। ଏହା ସତ୍ତ୍ୱେ ସମସ୍ତେ ଗୋଟିଏ ଭୂୟାଁ ଜାତି ରୂପେ ପରିଚିତ।

ଏହି ଭୂୟାଁ ଆଦିବାସୀମାନଙ୍କର ବୈଚିତ୍ରମୟ ଜୀବନ ଯାପାନ ଅନୁଧ୍ୟାନ କରିବା ଯେପରି ଆନନ୍ଦ ଦାୟକ ସେହିପରି ମହତ୍ୱପୂର୍ଣ୍ଣ। ଯଦିଓ ଏମାନେ ଆଦିବାସୀ ସଂପ୍ରଦାୟ ର ତଥାପି ହିନ୍ଦୁମାନଙ୍କ ଭଳି ବିଭିନ୍ନ ପର୍ବପର୍ବାଣି ପାଳନ କରନ୍ତି। କାଳକ୍ରମେ ଭୂୟାଁମାନେ ହିନ୍ଦୁ ହେଲେ। ଏମାନଙ୍କ ଭାଷା କିନ୍ତୁ ସ୍ୱତନ୍ତ୍ର ନୁହେଁ। ପ୍ରଥମେ ଏମାନେ ପ୍ରକୃତି ପୂଜା କରୁଥିଲେ। ପରେ ଏମାନେ ବଣ ଦେବୀ, ଧର୍ମ ଦେବତା, ସୂର୍ଯ୍ୟଦେବତା ଓ ଧରିତ୍ରୀମାତାଙ୍କୁ ମଧ୍ୟ ପୂଜା କରନ୍ତି। ସେମାନଙ୍କର ଅଧିଷ୍ଠାତ୍ରୀ ଦେବୀ ହେଉଛନ୍ତି 'ମା ଦୁର୍ଗା'। ଦଳେଇଲାମା ତାଙ୍କର 'ଲାମାଇଜିମ' ରେ କେନ୍ଦୁଝର ଭୂୟାଁମାନଙ୍କ କଥା ଉଲ୍ଲେଖ କରିଛନ୍ତି। ବୌଦ୍ଧ ଧର୍ମର ପ୍ରବ କ ବୁଦ୍ଧଦେବଙ୍କ ପ୍ରଥମ ଓଡିଆ ଦୁଇଜଣ ଶିଷ୍ୟ 'ତପସୁ ଓ ଉଲ୍ଲୁକ' ଥିଲେ ଭୂୟାଁ। କେଉଁଝରରେ ଏହି ଭୂୟାଁମାନେ ରାଜା ଲକ୍ଷ୍ମୀନାରାୟଣ ଭଞ୍ଜଙ୍କ ସମୟରେ ବୀରତ୍ୱ ସହକାରେ ମରହଟ୍ଟାମାନଙ୍କୁ ମୁକାବିଲା କରିଥିବାର ପ୍ରମାଣ ମଧ୍ୟ ଅଛି। ୧୮୯୮ ଖ୍ରୀଷ୍ଟାବ୍ଦରେ ଔପନାସିକ ଗୋପାଳ ବଲ୍ଲଭ ଦାସଙ୍କ ରଚିତ 'ଭୀମାଭୂୟାଁ ଉପନ୍ୟାସରେ' ଅବହେଳିତ ଭୂୟାଁ ଆଦିବାସୀ ଜୀବନ ଓ ଏକ ତାଡନାମୂଳକ ପ୍ରେମ କାହାଣୀ ଅବତାରଣା କରାଯାଇଛି। ଆଦୀବାସୀ ଭୀମାର କ ବ୍ୟ ପରାୟଣତା ତଥା ବୀରତ୍ୱ ତଥା ପିତାଙ୍କ ପ୍ରାଣ ରକ୍ଷା ଯୋଗୁ ରାଜା ହରିଚନ୍ଦନଙ୍କ କନ୍ୟା ତା ପ୍ରତି ପ୍ରେମାସକ୍ତ ହୋଇଛି କିନ୍ତୁ ରାଜା ଏହା ଜାଣିବା ପରେ ଦୁଃସାହସୀ ଯୁବକ ଭୀମାକୁ ପ୍ରାଣଦଣ୍ଡ ଆଦେଶ ଦେଇଥିଲେ ମଧ୍ୟ ରାଜଜେମାଙ୍କ ହସ୍ତେକ୍ଷପ ଫଳରେ ମୃତ୍ୟୁଦଣ୍ଡ ଖାରଜ ହୋଇଥିଲା। ଭୂମିପୁତ୍ର ଭୂୟାଁମାନେ ପୃଥିବୀକୁ ମା ରୂପେ ଆରାଧନା କରନ୍ତି। ମାତୃଭୂମିର ରକ୍ଷା ପାଇଁଏମାନେ ପ୍ରାଣପାତଃ କରିବାକୁ ପାଶ୍ଚାତପଦ ହୁଅନ୍ତିନି। ଅନ୍ୟାୟ, ଅତ୍ୟାଚାର ବିରୁଦ୍ଧରେ ସଂଗ୍ରାମ ପାଇଁଏମାନେ ସଦା ତତ୍ପର ହୋଇ ବାହାରନ୍ତି। ଭୂୟାଁମାନେ ଆଦିବାସୀ ଶ୍ରେଣୀଭୁକ୍ତ ହେଲେ ମଧ୍ୟ ଚାଷ ହେଉଛି ଏମାନଙ୍କ ମୁଖ୍ୟ ଜୀବିକା। ଆଜି ସମୟର ଗତିଚକ୍ର ପରିବ ନ ଓ ସଭ୍ୟତାର ବିକାଶ ସହିତ ଭୂୟାଁମାନେ ସଭ୍ୟ ସମାଜର ଅଂଶ ବିଶେଷ ହେବା ସହ ସମଜର ବିଭିନ୍ନ କ୍ଷେତ୍ରରେ ସେମାନଙ୍କର ବଳିଷ୍ଠ ପ୍ରତିଭା ପ୍ରତିପାଦିତ କରି ଚାଲିଛନ୍ତି। ଆଜି ସମଗ୍ର ବାରତ ବର୍ଷରେ ୭୩୦ ଅନୁସୂଚିତ ଜନଜାତି ସମ୍ବିଧାନର ୩୪୨ ଆର୍ଟିକିଲ ବା ପର୍ବରେ ସୂଚିତ ହୋଇଛି ଏବଂ ଆମ ରାଜ୍ୟ ଓଡିଶାରେ ୨୦୧୧ ଜନଗଣନା ଅନୁସାରେ ୯,୫୯୦,୭୫୬ ସିଡିଉଲ ଟ୍ରାଇବ ବସବାସ କରନ୍ତି ଯାହାକି ଭାରତର ତୃତୀୟ ସର୍ବବୃହତ ରାଜ୍ୟ ଭାବେ ପରିଗଣିତ। ଶେଷରେ ଏତିକି କହିବି ଏହି ଜନଜାତି ତଥା ଭୂୟାଁମାନଙ୍କ ସ୍ୱାଧୀନତା ଉପରେ କେହି ହସ୍ତକ୍ଷେପ କଲେ ଏମାନେ ବିଦ୍ରୋହ କରିଥାନ୍ତି। ଆଜି ଇତିହାସରେ ଏହି ଜାତିର ଦେଶପ୍ରେମ, ଜାତୀୟତା ମନୋଭାବ ଏମାନଙ୍କୁ ବଡ କରିପାରିଛି। ଆମେ ଆଜି ଗର୍ବିତ ଯେ ଆମ ରାଷ୍ଟ୍ର ମୁଖ୍ୟ ଭାବେ ଆମେ ଜଣେ ସରଳ, ଅମାୟିକ ନିଷ୍କପଟ ଆଦୀବାସୀ ମହିଳାଙ୍କୁ ପାଇଛୁ ଏବଂ ରାଜ୍ୟ ମୁଖ୍ୟଭାବେ ମଧ୍ୟ ଜଣେ ଆଦିବାସୀ ବ୍ୟକ୍ତିତ୍ୱଙ୍କୁ ଆମର ଶାସନଭାର ପ୍ରଦାନ କରିଛୁ।

*ସମ୍ପାଦକ ମାର୍ଗଦର୍ଶୀ, ଖୋର୍ଦ୍ଧା*
*ମୋ : ୬୩୭୦୬ ୭୫୫୬୨*

# ହିନ୍ଦୁତ୍ୱ: ଇତିହାସ ଏବଂ ବର୍ତ୍ତମାନ



ଗୋପାଳ ମହାପାତ୍ର

ଭାରତୀୟ ପରମ୍ପରା ଅନୁସାରେ ଧର୍ମ ଶବ୍ଦର ଅର୍ଥ ଯାହା ୟୁରୋପ ଏବଂ ମଧ୍ୟ ପ୍ରାଚ୍ୟରେ ସଂପୂର୍ଣ୍ଣ ଭିନ୍ନ। ହିନ୍ଦୁ ଧର୍ମ ଦାର୍ଶନିକ ଆଧାରଯୁକ୍ତ ଅଟେ, ଏହା ବ୍ୟକ୍ତି କେନ୍ଦ୍ରିକ ନୁହେଁ ବରଂ ଅନେକ ଉପାସନା ପଦ୍ଧତିରେ ସଙ୍ଗମ ଅଟେ। ହିନ୍ଦୁ ଧର୍ମରେ ଦେଶ-କାଳକୁ ନେଇ ସୁଧାର ମଧ୍ୟ ସମ୍ଭବ। ସନାତନ ପରମ୍ପରାରେ ଇଷ୍ଟଦେବଙ୍କ ନାମ ଅନୁସାରେ ୫ଟି ମୁଖ୍ୟ ଉପାସକ ସମୁଦାୟ ରହିଛି। ଏସବୁ ହେଉଛି ସୌର, ଶୈବ, ଶାକ୍ତ, ବୈଷ୍ଣବ ଏବଂ ଗାଣପତ୍ୟ। ଦକ୍ଷିଣ ଭାରତରେ ଏହି ୫ଟି ଉପାସକଙ୍କ ସହ ସ୍କନ୍ଦ ପୂଜକ ମଧ୍ୟ ଦେଖିବାକୁ ମିଳନ୍ତି। ପ୍ରାଚୀନ କାଳରେ ଏହି ଉପାସକ ସଂପ୍ରଦାୟ ମାନେ ପରସ୍ପରଙ୍କୁ ବିରୋଧ କରୁଥିଲେ ଓ ସ୍ଥିତି ମଧ୍ୟ ଗମ୍ଭୀର ହେଉଥିଲା। କାଳାନ୍ତରରେ ଏସବୁ ଉପାସକ ସଂପ୍ରଦାୟ ବା ଗୋଷ୍ଠୀ ପରସ୍ପର ମଧ୍ୟରେ ବୁଝାମଣା କରି ବା ସାମସ୍ୟ ସ୍ଥାପନ କରିଥିଲେ ଓ ଉପାସନା ପଦ୍ଧତିରେ ପାର୍ଥକ୍ୟ ଥିଲେ ମଧ୍ୟ ପରସ୍ପରର ଇଷ୍ଟଦେବଙ୍କୁ ସମ୍ମାନ କରିବା ଆରମ୍ଭ କରିଥିଲେ। କପିଳ ମୂନୀ ପ୍ରଣୀତ ନୀରିଶ୍ୱରବାଦ ମଧ୍ୟ ସନାତନର ଅଂଶ ବିଶେଷ। ଜୈନଧର୍ମ ଓ ବୌଦ୍ଧ ଧର୍ମର ଅଭ୍ୟୁଦୟ ହେବା ପରେ ପୁଣି ସାମସ୍ୟର ଆବଶ୍ୟକତା ପଡିଲା ଏଣୁ ବୁଦ୍ଧଙ୍କୁ ଭଗବାନ ବିଷ୍ଣୁଙ୍କ ଅବତାର ବୋଲି ଗ୍ରହଣ କରାଗଲା। ଏପରିକି ତୀର୍ଥଙ୍କର ମହାବୀରଙ୍କୁ ମଧ୍ୟ ସମ୍ମାନ ପ୍ରଦର୍ଶନ କରାଗଲା। କିନ୍ତୁ ନୀରିଶ୍ୱରବାଦୀ ମାନେ ପ୍ରଭାବ ହୀନ ହୋଇପଡିଥିଲେ। ପରବର୍ତ୍ତୀ କାଳରେ ହିନ୍ଦୁ ମାନଙ୍କ ମଧ୍ୟରେ ସମନ୍ୱୟର ଅଭାବ ଏବଂ ଜାତିର ଭ୍ରାନ୍ତ ବ୍ୟାଖ୍ୟା କାରଣରୁ ବିଭାଜିତ ସମାଜର ଲାଭ ବିଦେଶୀ ଆକ୍ରମଣକାରୀ ମାନେ ଉଠାଇଥିଲେ। ଇସଲାମୀ ଏବଂ ଇସାଇ(ଖ୍ରୀଷ୍ଟ) ଧର୍ମାବଲମ୍ବୀ ସାମ୍ରାଜ୍ୟବାଦୀ ମାନଙ୍କର ସ୍ୱପ୍ନ ଥିଲା ଭାରତ ଉପରେ ଶାସନ କରିବା। ଏହି କାରଣରୁ ମୁସଲମାନ ମାନେ ଅନବରତ ଆକ୍ରମଣ କରି ଭାରତ ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରି ପାରିଥିଲେ। ନିଜର ଉଦ୍ଦେଶ୍ୟ ଚରିତାର୍ଥ କରିବା ପାଇଁ ସେମାନେ ହତ୍ୟା, ବଳାତ୍କାର, ଅପହରଣ ଏବଂ ବଳପୂର୍ବକ ଧର୍ମାନ୍ତରଣ ଆରମ୍ଭ କରିଦେଇଥିଲେ। ଅତ୍ୟାଚାରିତ ହିନ୍ଦୁସମାଜ ପରିସ୍ଥିତିକୁ ଦେଖି ବୁଝାମଣା କରିବା ପାଇଁ ବାଧ୍ୟ ହୋଇଥିଲେ। ଏଭଳି ସମୟରେ ବିଭ୍ରାନ୍ତ ହିନ୍ଦୁଙ୍କ ମଧ୍ୟରେ ଆତ୍ମଗୌରବ, ନୈତିକତା, ଆଦର୍ଶ ଏବଂ ପରାକ୍ରମକୁ ପୁନଃଜୀବିତ କରିବା ପାଇଁ ଗୋସ୍ୱାମୀ ତୁଳସୀ ଦାସ ମର୍ଯ୍ୟାଦା ପୁରୁଷୋତ୍ତମ ରାମଙ୍କୁ ଆଦର୍ଶ ଜନନାୟକ ଭାବେ ଚିତ୍ରଣ କରି ରାମଚରିତ ମାନସ ରଚନା କରିଥିଲେ। ପରବର୍ତ୍ତୀ ସମୟରେ ହିନ୍ଦୁ ସଂଗଠିତ ହୋଇଥିଲେ। ଆକବରି ନିୟମ ମୋଗଲ ଶାସନକୁ କିଛି ବର୍ଷ ପର୍ଯ୍ୟନ୍ତ କାଏମ ରଖିଥିଲା।

ହିନ୍ଦୁମାନଙ୍କ ମଧ୍ୟରେ କ୍ରମେ କ୍ରମେ ଭେଦଭାବ କମିବାରେ ଲାଗିଲା। ଏହାର ଏକ ଉଦାହରଣ ହେଉଛି ବଙ୍ଗଳା(ବର୍ତ୍ତମାନର ପଶ୍ଚିମବଂଗ)ର ଜନୈକ ଜମିଦାର ସର୍ବଧର୍ମ ସମନ୍ୱୟ ପାଇଁ ୧୬୧୦ରେ ପ୍ରଥମ କରି ଏକାସାଥିରେ ମାଦୁର୍ଗା, ଲକ୍ଷ୍ମୀ, ସରସ୍ୱତୀ, ଗଣପତି ତଥା କାର୍ତ୍ତୀକେୟଙ୍କ ପ୍ରତିମୂର୍ତ୍ତୀ ସହ ସେମାନଙ୍କ ବାହନର ମୂର୍ତ୍ତୀ କରାଇ ମହିଷାସୁରମର୍ଦ୍ଦୀନୀ ରୂପରେ ଦୂର୍ଗା ପୂଜାର ଆରମ୍ଭ କରିଥିଲେ। ସେହି ଦୁର୍ଗାପୂଜା ଲୋକପ୍ରିୟ ହୋଇଥିଲା ଓ କ୍ରମେ କ୍ରମେ ଏହି ପୂଜା ସାରା ଭାରତରେ ଏପରିକି ବିଦେଶରେ ମଧ୍ୟ ଲୋକପ୍ରିୟ ହେଲା। ମୋଗଲ ଶାସକ ମାନେ ଦୁର୍ବଳ ହେବାରେ ଭାରତ ଉପରେ ୟୁରୋପୀୟ ଦେଶମାନଙ୍କର ଦୃଷ୍ଟି ପଡିଲା। ଆର୍ମେନିଆ, ହଲାଣ୍ଡ, ପର୍ତ୍ତୁଗାଲ, ଫ୍ରାନ୍ସ ତଥା ଇଂଲଣ୍ଡ ଭଳି ଦେଶମାନଙ୍କ ମଧ୍ୟରେ ଭାରତକୁ କବଜା କରିବା ପାଇଁ ପ୍ରତିଦ୍ୱନ୍ଦୀତା ବଢିଚାଲିଲା। କିନ୍ତୁ ବ୍ରିଟିଶ ଇଷ୍ଟଇଣ୍ଡିଆ କମ୍ପାନୀ ଏ ଦିଗରେ ସଫଳ ହୋଇଥିଲେ। ସେହି ସମୟରେ ଅନେକ ହିନ୍ଦୁ ବ୍ରିଟିଶ ମାନଙ୍କୁ ମୁସଲିମ ଶାସକଙ୍କ ଅପେକ୍ଷା ଉତ୍ତମ ବୋଲି ବିଚାର କରିଥିଲେ। ପଲାସି ଯୁଦ୍ଧରେ ମୀରଜାଫର ଧୋକା ଦେଇଥିଲେ। ଏପରିକି କେତେକ ହିନ୍ଦୁରାଜା ଓ ଜମିଦାର ଇଂରେଜଙ୍କର ସହାୟତା କରିଥିଲେ। ୧୭୬୫ରେ ଦିବାନୀ ମିଳିବା ପରେ ଇଂରେଜ ମାନେ ପୂର୍ବ ଭାରତରେ ସମସ୍ତ ଉଦ୍ୟୋଗ-ଧନ୍ଦାକୁ ନଷ୍ଟଭ୍ରଷ୍ଟ କରି ଦେଇଥିଲେ। ଅତ୍ୟଧିକ ଟିକସ ଆଦାୟ କାରଣରୁ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା, ୧୭୭୧ରେ ଭୟଙ୍କର ମରୁଡି ପଡିଥିଲା ଓ ପାଖାପାଖି କୋଟିଏ ଲୋକଙ୍କର ମୃତ୍ୟୁ ହୋଇଥିଲା। ଏହି ସମୟରେ ହିନ୍ଦୁ ସନ୍ୟାସୀ ମାନେ ଭବାନୀ ଚରଣ ପାଠକଙ୍କ ନେତୃତ୍ୱରେ ଇଂରେଜ ମାନଙ୍କୁ ବିରୋଧ ଆରମ୍ଭ କରିଥିଲେ। ସେ ସମୟ ଭାରତ ପାଇଁ ଦୁର୍ଦ୍ଦିନ ଥିଲା। ମୁସଲମାନ ଏକପ୍ରକାର ପରାଜିତ ହୋଇଥିଲେ ଏବଂ ହିନ୍ଦୁମାନେ ଜାତିଆଣ ଭାବ ଓ ଅନେକ କୁରୀତିକୁ ନେଇ ବିବାଦ କରୁଥିଲେ। ଏଭଳି ପରିସ୍ଥିତିର ଲାଭ ଉଠାଇ ଇଂରେଜ ନିଜର ଶ୍ରେଷ୍ଠତା ସ୍ଥାପନ କରିବା ଆରମ୍ଭ କରିଦେଇଥିଲେ ଏବଂ ଧର୍ମାନ୍ତରଣକୁ ମଧ୍ୟ ପ୍ରୋତ୍ସାହିତ କରିଥିଲେ। ଏଭଳି ସମୟରେ ଜନ୍ମ ନେଇଥିଲେ ରାମ ମୋହନ ରାୟ। ସେ ସଂସ୍କୃତ, ଅରବି, ଫରାସୀ, ଗ୍ରୀକ୍, ଲାଟିନ୍ ଓ ଇଂରାଜୀ ଆଦି ଭାଷାରେ ପାରଙ୍ଗମ ଥିଲେ ଏବଂ ସବୁ ଭାଷାର ଧର୍ମଗ୍ରନ୍ଥକୁ ଅଧ୍ୟୟନ କରିଥିଲେ। ବାଲ୍ୟବିବାହ, ବହୁ-ବିବାହ ଏବଂ ସତୀଦାହ ଆଦି ପ୍ରଥାକୁ ବିରୋଧ କଲେ ଏବଂ ବ୍ରହ୍ମସମାଜର ସ୍ଥାପନା କରିଥିଲେ। ପ୍ରଗତିଶୀଳ ହିନ୍ଦୁମାନେ ତାଙ୍କୁ ମଧ୍ୟ ସମର୍ଥନ କରିଥିଲେ। ଶହାଆଲମଙ୍କ ପୁତ୍ର ଆକବର ଦ୍ୱିତୀୟ ତାଙ୍କୁ ରାଜା ଉପାଧି ଦେବା ସହ ଲଣ୍ଡନରେ ମୋଗଲ ସମ୍ରାଟଙ୍କ ପ୍ରତିନିଧି ଭାବେ ନିଯୁକ୍ତ ଦେଇଥିଲେ। ରାଜା ରାମମୋହନ ରାୟ ଇଂରେଜୀ ଶିକ୍ଷା ତଥା ସ୍ତ୍ରୀ ଶିକ୍ଷାକୁ ପ୍ରୋତ୍ସାହିତ କରିଥିଲେ। ୧୮୩୩ରେ ତାଙ୍କର ଦେହାନ୍ତ ହୋଇଥିଲା କିନ୍ତୁ ଇଶ୍ୱରଚନ୍ଦ୍ର ବିଦ୍ୟାସାଗରଙ୍କ ଭଳି ଅନେକ ପ୍ରଗତିଶୀଳ ବ୍ୟକ୍ତି ତାଙ୍କ କାର୍ଯ୍ୟକୁ ସମ୍ଭାଳିଥିଲେ। ହିନ୍ଦୁ ଇଂରେଜୀ ଶିକ୍ଷାକୁ ଆପଣେଇନେଲେ। ଇଂରେଜଙ୍କୁ ବିରୋଧ ଜାରି ରହିଲା ଓ ୧୮୫୭ରେ ଏହା ରୂପ ନେଇଥିଲା। ଇଂରେଜଙ୍କ ବିରୁଦ୍ଧରେ ରାଣୀ ଲକ୍ଷ୍ମୀବାଇ, ନାନାସାହେବ, ତାନ୍ତିଆ ଟୋପି, କୁଅଁର ସିଂହ ଏବଂ ବେଗମ ହଜରତ ମହଲ ବିଦ୍ରୋହ କରିଥିଲେ। କିନ୍ତୁ ପାବ, କାଶ୍ମୀର, ହାଇଦ୍ରାବାଦ, ଟ୍ରାଭାଙ୍କୁର ଏବଂ ମହୀଶୁରର ଶାସକମାନେ ନୀରବ ରହିଥିଲେ ଅଥବା ଇଂରେଜଙ୍କ ସହାୟତା କରିଥିଲେ। ଏହି ଯୁଦ୍ଧରେ କେହି ନିଜକୁ ହିନ୍ଦୁ ବା ମୁସଲମାନ କହିନଥିଲେ ବରଂ ପରିଚୟଥିଲା ସ୍ୱତନ୍ତ୍ରତା ସେନାନୀ। ହିନ୍ଦୁ ବହୁ ସଂଖ୍ୟକ ଥିଲେ ମଧ୍ୟ ଉଭୟ ଧର୍ମର ସୈନିକମାନେ ଅନ୍ତିମ ମୋଗଲ ବାଦଶାହ ବାହାଦୁର ଶାହଜାଫରଙ୍କୁ ସେମାନଙ୍କ ନେତା ବୋଲି ମାନି ନେଇଥିଲେ। ଏହି ବିଦ୍ରୋହ ଯାହାକୁ ସିପାହି ବିଦ୍ରୋହ କୁହାଯାଇଥିଲା ତାହା ବିଫଳ ହୋଇଥିଲା। ଏହାପରେ ଇଂଲଣ୍ଡର ମହାରାଣୀ ଭିକ୍ଟୋରିଆ ଭାରତର ଶାସନ ଭାର ହାତକୁ ନେଲେ। ହିନ୍ଦୁ ସମାଜକୁ ସୁଧାରିବାର ଉଦ୍ୟମ ଜାରି ରହିଥିଲା କିନ୍ତୁ କଟ୍ଟର ପନ୍ଥୀ ଇସଲାମ ସମାଜରେ ସୁଧାର ସମ୍ଭବ ହୋଇନଥିଲା। ଏହି ସମୟରେ ପଣ୍ଡିତ ଦୟାନନ୍ଦ ସରସ୍ୱତୀଙ୍କର ଆବିର୍ଭାବ ହୋଇଥିଲା। ଦୟାନନ୍ଦଙ୍କ ମତରେ ପୁରାଣ, ଉପନିଷଦ ଏପରିକି ବୌଦ୍ଧ, ଜୈନ, ସିଖ, ଖ୍ରୀଷ୍ଟିଆନ, ଇସଲାମ ଭ୍ରାନ୍ତି ସୃଷ୍ଟି କରୁଛନ୍ତି। ସେ ସତ୍ୟାର୍ଥ ପ୍ରକାଶ ନାମକ ଏକ ପୁସ୍ତକ ରଚନା କରିଥିଲେ ଓ ୧୮୭୫ରେ ଆର୍ଯ୍ୟସମାଜର ସ୍ଥାପନା କରିଥିଲେ। ତାଙ୍କ ମତ ଓ କାର୍ଯ୍ୟକୁ ସବୁସ୍ତରରେ ବିରୋଧ କରାଯାଇଥିଲା ଓ ୧୮୮୩ ତାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁ ଏକ ହତ୍ୟାକାଣ୍ଡ ବୋଲି ସେତେବେଳେ ଜଣାପଡିଥିଲା। ୧୮୭୮ରେ ମାଡ୍ରାସ ( ବର୍ତ୍ତମାନ ଚେନ୍ନାଇ)ରୁ 'ଦି ହିନ୍ଦୁ' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ ପାଇଥିଲା ଓ ୧୮୮୯ରେ ଏହା ଦୈନିକ ସମ୍ବାଦ ପତ୍ରରେ ପରିଣତ ହୋଇଥିଲା। ଏହି ପତ୍ରିକା ବ୍ରିଟିଶ ଶାସନ ବିରୋଧରେ ସ୍ୱର ଉଠାଉଥିଲା। ୧୮୮୨ରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ୧୭୭୧ର ସନ୍ୟାସୀ ମାନଙ୍କ ଆନ୍ଦୋଳନର ପୃଷ୍ଠଭୂମୀକୁ ନେଇ 'ଆନନ୍ଦମଠ' ଓ 'ଦେବୀ ଚୌଧୁରାଣୀ' ନାମରେ ଦୁଇଟି ଉପନ୍ୟାସ ରଚନା କରିଥିଲେ। ଦେଶକୁ ଭାରତମାତା ରୂପରେ ବନ୍ଦନା କରି 'ବନ୍ଦେମାତରମ୍' ଗୀତ ବ୍ରିଟିଶ ସରକାର ବିରୁଦ୍ଧରେ ଆନ୍ଦୋଳନର ସ୍ଲୋଗାନ ପାଲଟି ଯାଇଥିଲା। ବଙ୍କିମଚନ୍ଦ୍ରଙ୍କ ଶିଷ୍ୟ ଚନ୍ଦ୍ରନାଥ ବସୁ ୧୮୯୨ରେ 'ହିନ୍ଦୁତ୍ୱ- ହିନ୍ଦୁର ପ୍ରକୃତ ଇତିହାସ' ନାମକ ପୁସ୍ତକ ରଚନା କରିଥିଲେ ଏବଂ ପ୍ରଥମଥର ହିନ୍ଦୁତ୍ୱ ଶବ୍ଦର ପ୍ରୟୋଗ କରିଥିଲେ। ପରବର୍ତ୍ତୀ ସମୟରେ ସାବରକର ପ୍ରମୁଖ ଅନେକ ହିନ୍ଦୁତ୍ୱବାଦୀ ନେତା ହିନ୍ଦୁତ୍ୱ ଶବ୍ଦର ବ୍ୟବହାର କରିଥିଲେ। ୧୮୯୩ ସେପ୍ଟେମ୍ବର ୧୧ ତାରିଖ ଚିକାଗୋ ଠାରେ ଅନୁଷ୍ଠିତ ବିଶ୍ୱ ଧର୍ମ-ସଂସଦରେ ପହଞ୍ଚି ସ୍ୱାମୀ ବିବେକାନନ୍ଦ ଐତିହାସିକ ଭାଷଣ ଦେଇଥିଲେ ଓ ବିଶ୍ୱରେ ହିନ୍ଦୁତ୍ୱର ଜୟଘୋଷ କରିଥିଲେ। ବିବେକାନନ୍ଦ କହିଥିଲେ ବୋମୁଁ ମୋର ଧର୍ମ ପାଇଁ ଗର୍ବ ଅନୁଭବ କରୁଛି ଏହି ଧର୍ମ ସାରା ବିଶ୍ୱକୁ ସହିଷ୍ଣୁତା ଏବଂ ବିଶ୍ୱବନ୍ଧୁତ୍ୱର ପାଠ ପଢ଼ାଉଛି।

ହିନ୍ଦୁତ୍ୱ ଏବଂ ପନ୍ଥନିରପେକ୍ଷତା ଏକାକାର ହୋଇଯାଇଥିଲା। ସ୍ୱାମୀ ବିବେକାନନ୍ଦଙ୍କ ଭାଷଣ ହିନ୍ଦୁଙ୍କ ଆତ୍ମଗୌରବ ତଥା ଆତ୍ମବିଶ୍ୱାସ ବୃଦ୍ଧି ପାଇଁ ପ୍ରେରଣା ଯୋଗାଇଥିଲା। ଭାରତ ଫେରି ସ୍ୱାମୀ ବିବେକାନନ୍ଦ ରାମକୃଷ୍ଣ ମିଶନର ସ୍ଥାପନା କରିଥିଲେ ଏବଂ ଲୋକଙ୍କ ସେବାରେ ଜୁଟିଯାଇଥିଲେ। ଏସବୁ ଘଟଣାର ପ୍ରଭାବ କାରଣରୁ ୧୯୦୨ରେ କ୍ରାନ୍ତିକାରୀ ସଂଗଠନ ଅନୁଶୀଳନ ସମିତିର ଗଠନ ହୋଇଥିଲା ଓ ଅରବିନ୍ଦ ଘୋଷ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ସାବରକର ୧୯୦୪ରେ ଅଭିନବ ଭାରତ ନାମକ କ୍ରାନ୍ତିକାରୀ ସଂଗଠନ ସ୍ଥାପନ କରିଥିଲେ ଓ ହିନ୍ଦୁତ୍ୱ ଶବ୍ଦକୁ ଅଧିକ ଲୋକପ୍ରିୟ କରାଇଥିଲେ। ଏନିବସାନ୍ତ ସେଣ୍ଟ୍ରାଲ ହିନ୍ଦୁ ସ୍କୁଲ ସ୍ଥାପନ କରିଥିବା ବେଳେ ମଦନ ମୋହନ ମାଳବ୍ୟ କାଶି ହିନ୍ଦୁ ବିଶ୍ୱବିଦ୍ୟାଳୟର ସ୍ଥାପନା କରିଥିଲେ। ଏକଥାକୁ ଦେଖି ସେତେବେଳେ କିଛି ମୁସଲମାନ କଂଗ୍ରେସକୁ ହିନ୍ଦୁଙ୍କ ଦଳ ବୋଲି ମଧ୍ୟ କହିଥିଲେ। ୧୯୨୦ରେ ସୈୟଦ ଅହମଦ ଅଲିଗଡ଼ରେ ଥିବା କଲେଜର ନାମ ପରିବର୍ତ୍ତନ କରି ଆଲିଗଡ଼ ମୁସଲିମ ବିଶ୍ୱ ବିଦ୍ୟାଳୟରେ ପରିବର୍ତ୍ତନ କରିଥିଲେ। ମହମ୍ମଦ ଅଲ୍ଲୀ ଜିନ୍ନା ଯିଏ ଏକଦା ହିନ୍ଦୁ- ମୁସଲିମ ଏକତାର ସମର୍ଥକ ଥିଲେ ଆଗାଖାଁ ଓ ଅନ୍ୟ କେତେକ ମୁସଲିମ ନେତାଙ୍କ ଅନୁରୋଧ କ୍ରମେ ମୁସଲମାନ ମାନଙ୍କ ନେତୃତ୍ୱ ନେଇଥିଲେ। ହିନ୍ଦୁ-ମୁସଲମାନଙ୍କ ମଧ୍ୟରେ ଦୂରତା ବଢିବାରେ ଲାଗିଲା। ଗାନ୍ଧୀ ଯେ ଏକଥା ଜାଣିପାରିନଥିଲେ ତା ନୁହେଁ। ସେଇଥିପାଇଁ ଗାନ୍ଧୀ ଖିଲାପତ ଆନ୍ଦୋଳନକୁ ସମର୍ଥନ କରିବାର ନିଷ୍ପତ୍ତି ନେଇଥିଲେ ଏବଂ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ତାଙ୍କ ଉଦ୍ଦେଶ୍ୟ ଥିଲା ଏହି ଆନ୍ଦୋଳନ ମାଧ୍ୟମରେ ହିନ୍ଦୁ-ମୁସଲିମଙ୍କ ମଧ୍ୟରେ ଥିବା ଦୂରତାକୁ ହ୍ରାସ କରିବା। କିନ୍ତୁ ଦକ୍ଷିଣ ଭାରତରେ ମୋପଲା-ବିଦ୍ରୋହ ହିନ୍ଦୁ-ମୁସଲିମ ଦୁରତାକୁ ଅଧିକ ବଢାଇ ଦେଇଥିଲା। କାରଣ ଏହି ମୋପାଲା ବିଦ୍ରୋହ ବ୍ରିଟିଶ ଶାସକଙ୍କ ସହିତ ହିନ୍ଦୁ ଜମିଦାରଙ୍କ ବିରୋଧରେ ହୋଇଥିଲା।

କେଶବ ବଳିରାମ ହେଡ୍‌ଗେୱାର ଯିଏ ଅନୁଶୀଳନ କମିଟିର ସଦସ୍ୟଥିଲେ ସେ ଶସସ୍ତ୍ରକ୍ରାନ୍ତିର କଠିନତାକୁ ଦେଖି କମିଟିରୁ ଇସ୍ତଫା ଦେଇ କଂଗ୍ରେସର ସଦସ୍ୟ ହୋଇଥିଲେ। ୧୯୨୧ରେ ଆପତ୍ତିଜନକ ଭାଷଣ ପାଇଁ ତାଙ୍କୁ ଏକ ବର୍ଷ କାରାଦଣ୍ଡ ମିଳିଥିଲା। ମୋପଲା ବିଦ୍ରୋହ ଓ ଖିଲାପତ ଆନ୍ଦୋଳନର ବିଫଳତା ଯୋଗୁଁ ନିରାଶ ହୋଇ ସେ କଂଗ୍ରେସ ଛାଡି ୧୯୨୫ରେ ସେ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ ଗଠନ କରିଥିଲେ। ଏହି ସଂଘ ହିନ୍ଦୁତ୍ୱର ବିକାଶ ପାଇଁ ଉଦ୍ଦିଷ୍ଟ ବୋଲି କୁହାଗଲେ ମଧ୍ୟ ସ୍ୱାଧିନତା ଆନ୍ଦୋଳନରୁ ସଂଘ ନିଜକୁ ଦୂରେଇ ରଖିଥିଲା। ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ହିନ୍ଦୁ ମହାସଭାର ସ୍ଥାପନା କରିଥିଲେ କିନ୍ତୁ କଂଗ୍ରେସକୁ ସମର୍ଥନ କରିନଥିଲେ। ୧୯୪୮ ମସିହାରେ ଅତିହିନ୍ଦୁବାଦୀ (ନାଥୁରାମ ଗଡ଼ସେ) ଦ୍ୱାରା ଗାନ୍ଧୀଙ୍କ ହତ୍ୟାରେ ବ୍ୟଥିତ ହୋଇ ଶ୍ୟାମାପ୍ରସାଦ ହିନ୍ଦୁ ମହାସଭାକୁ ଭାଙ୍ଗି ଜନସଂଘ ନାମକ ରାଜନୈତିକ ଦଳର ସ୍ଥାପନା କରିଥିଲେ ଯାହା ଏବେ ଭାରତୀୟ ଜନତା ପାର୍ଟି ଭାବେ ପରିଚିତ। ସ୍ୱାଧିନ ଭାରତର ହିନ୍ଦୁତ୍ୱ ପୁନଃ ପ୍ରାସଙ୍ଗିକ ହୋଇଛି କିନ୍ତୁ ଏହାର ସମର୍ଥନ, ବିରୋଧ ଏବଂ ରୀତି ସମନ୍ୱୟ ପାଇଁ ନହୋଇ ଶାସନଗାଦି ପ୍ରାପ୍ତିର ସାଧନ ପାଲଟି ଯାଇଛି।

*ରାମଚନ୍ଦ୍ରପୁର, ରଣପୁର,*
*ମୋ: ୯୪୩୮୪୮୫୦୯୪*

# କଳିଙ୍ଗର ଶେଷ ସମ୍ରାଟ : "ବିଜୁ ପଟ୍ଟନାୟକ"



ପ୍ରଦୀପ ସେନାପତି

ଊନବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଯେତେବେଳେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି, ପରମ୍ପରା ଓ ଓଡ଼ିଆଙ୍କ ଅସ୍ମିତା ଏବଂ ଅସ୍ତିତ୍ୱ ଲୋପ ହେବାକୁ ଯାଉଥିଲା ଠିକ୍ ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ଓଡ଼ିଶାର ଯେଉଁ ବରପୁତ୍ରମାନେ ହୃତ ଗୌରବ ଫେରାଇ ଆଣିବା ପାଇଁ ପ୍ରତିଶୃତିବଦ୍ଧ ଥିଲେ ଏବଂ ଓଡ଼ିଶାର ସାମାଜିକ, ଅର୍ଥନୈତିକ ସ୍ତରରେ ଉନ୍ନତି ଆଣି ଓଡ଼ିଶାକୁ ଜାତୀୟ ସ୍ତରରେ ଏକ ସ୍ୱତନ୍ତ୍ର ପରିଚୟ ଦେବାପାଇଁ ଆପ୍ରାଣ ଉଦ୍ୟମ କରିଥିଲେ ସେମାନଙ୍କ ମଧ୍ୟରେ କଳିଙ୍ଗର ଗୌରବ, ଶେଷ ସମ୍ରାଟ ବିଜୁ ପଟ୍ଟନାୟକ ଥିଲେ ଏକମାତ୍ର ଦୂରଦୃଷ୍ଟି ସମ୍ପନ୍ନ, ଜାତୀୟତାବାଦୀ, ଅଦମ୍ୟ ଦୁଃସାହାସିକ ପ୍ରଦର୍ଶନ ପୂର୍ବକ ବ୍ୟକ୍ତିତ୍ୱ ରାଷ୍ଟ୍ରୀୟ ଜନନେତା। ଏକାଧାରରେ ସେ ଥିଲେ ଜଣେ ଅପ୍ରତିଦ୍ୱନ୍ଦି ସମ୍ରାଟର ମୁକୁଟ ପିନ୍ଧିଥିବା ପ୍ରଚଣ୍ଡ ସ୍ୱାଭିମାନୀ, ସ୍ୱାଧୀନତା ସଂଗ୍ରାମୀ, ଜାତୀୟତାଭାବର ମୂର୍ତ୍ତିମନ୍ତ ପ୍ରତୀକ, ନିଜର ଦୁଃସହାସିକତା ପ୍ରଦର୍ଶନ କରି ଓଡ଼ିଆମାନଙ୍କ ବୀରତ୍ୱ, ନିର୍ଭୀକତା ଓ ସାହସିକତାର ପରିଚୟ ଦେଇଛନ୍ତି। ବିଶ୍ୱକର୍ମା ସାଜି ଓଡ଼ିଶା ଭଳି ଏକ ପଛୁଆ, ଦରିଦ୍ର, ଅନୁନ୍ନତ ରାଜ୍ୟକୁ ଏକ ଶିଳ୍ପ ସମୃଦ୍ଧ ରାଜ୍ୟରେ ପରିଣତ କରିପାରୁଥିବା ମହାନାୟକମାନଙ୍କ ମଧ୍ୟରେ ମହାପୁରୁଷ ଭୂମିପୁତ୍ର ବିଜୁ ପଟ୍ଟନାୟକ ଥିଲେ ଅନ୍ୟତମ ଅଗ୍ରଗଣ୍ୟ ସାରଥି। ଯଦିଓ ଆଜି ସେ ଆମର ଓଡ଼ିଶା ମାଟିରେ ନାହାନ୍ତି ତଥାପି କିନ୍ତୁ ତାଙ୍କର କୃତିତ୍ୱ ଏବଂ ବୀରତ୍ୱ ଗାଥା କେବଳ ଓଡ଼ିଶା ମାଟିରେ ନୁହେଁ ସମଗ୍ର ଭାରତ ବର୍ଷରେ ପ୍ରତିଧ୍ୱନିତ ହେଉଛି। ତାଙ୍କ ପରି ତ୍ୟାଗୀ, ସାହସୀ, ଦୟାଳୁ, କର୍ମନିଷ୍ଠ, ବୀରପୁରୁଷ ଆଜିର ସମାଜରେ ବିରଳ। ଆମ୍ଭେମାନେ ମଧ୍ୟ ତାଙ୍କ ପାଖରୁ ଏହି ଆଦର୍ଶ ଗ୍ରହଣ କରିଥିଲୁ ସେ ସର୍ବଦା ଆମ୍ଭଙ୍କୁ କହୁଥିଲେ କାହାରି ପଛରେ ଗୋଡ଼ାଅ ନାହିଁ, ଓଡ଼ିଆ ପୁଅର ବୀରତ୍ୱ ବଜାୟ ରଖ। ଆଜି ଯଦି ଏ ଉତ୍କଳ ଭାଷାର ପ୍ରାଣ ପ୍ରାଚୁର୍ଯ୍ୟରେ, ସଂସ୍କୃତିରେ, କଳାରେ, ଶିଳ୍ପରେ, ଖଣିଖାଦନରେ, କୃଷିରେ, ପଶୁପାଳନରେ, ମହିଳା ସଶକ୍ତିକରଣରେ, ରାଜନୀତିରେ ଆଦି ଅର୍ଥନୈତିକ ବିକାଶରେ ସମୃଦ୍ଧ ହୋଇଛି ଏବଂ ଓଡ଼ିଶା ଏକ ସ୍ୱାଭିମାନୀ ରାଷ୍ଟ୍ରଭାବେ ମୁଣ୍ଡଟେକିଛି ତାହା କେବଳ ଭୂମିପୁତ୍ର ବିଜୁ-ପଟ୍ଟନାୟକଙ୍କ ପାଇଁ ସମ୍ଭବ ହୋଇଛି।

କଟକ ତୁଳସୀପୁରସ୍ଥିତ ଆନନ୍ଦ ଭବନଠାରେ ୧୯୧୬ ମସିହା ମାର୍ଚ୍ଚ ୫ ତାରିଖରେ ବିଜୁ-ପଟ୍ଟନାୟକଙ୍କ ଜନ୍ମ। ତାଙ୍କର ପିତା ଥିଲେ ଲକ୍ଷ୍ମୀନାରାୟଣ ପଟ୍ଟନାୟକ ଓ ମାତା ଥିଲେ ଆଶାଲତା ଦେବୀ। ତୁଳସୀ ଦୁଇପତ୍ରରୁ ବାସିଲା ଭଳି ପିଲାଟି ଦିନରୁ ବାରି ହୋଇ ପଡୁଥିଲା। ଏହି ବାଳକ ଦିନେ ବିରାଟ ବ୍ୟକ୍ତିତ୍ୱ ସାଜି ମହାନାୟକ ହେବ। ପିଲାଦିନେ ମା'ଙ୍କ ଠାରୁ ସଂଗ୍ରାମୀ ଏବଂ ବୀରତ୍ୱର କାହାଣୀ ତାଙ୍କ ମନରେ ଗଭୀର ରେଖାପାତ ମଧ୍ୟ କରିଥିଲା। ଦେଶପାଇଁ, ମାଟିପାଇଁ, କଳିଙ୍ଗବୀରବାସୀଙ୍କ ପାଇଁ ଇଂରେଜ ସରକାରଙ୍କ ବିରୁଦ୍ଧରେ ଲଢି ବାରମ୍ବାର ଜେଲ ଯାଇ ଦେଶ ମାତୃକାପାଇଁ ଥିବା ଭଲ ପାଇବାକୁ ହିଁ ପ୍ରତିଭାନ କରୁଥିଲା। ପ୍ରଥମେ ସେ ମିଶନ ସ୍କୁଲ ପରେ ରେଭେନ୍ସା କଲିଜିଏଟ୍ ସ୍କୁଲ ଏବଂ ପରେ ରେଭେନ୍ସା ମହାବିଦ୍ୟାଳୟ ଏବଂ ତା'ପରେ ପାଟନା ବିଶ୍ୱବିଦ୍ୟାଳୟରେ ନିଜର ଶିକ୍ଷାପ୍ରାପ୍ତି ସମାପ୍ତି କରି ବେସାମରିକ ବିମାନ ସେବାରେ ଯୋଗଦେଇଥିଲେ। ବିଜୁ ପଟ୍ଟନାୟକ ୧୦୩୨ ମସିହାରେ ପ୍ରଥମେ କଟକରୁ ପେଶୱାରକୁ କିଛି ବନ୍ଧୁମାନଙ୍କ ସହ ସାଇକେଲରେ ଯାତ୍ରା କରିଥିଲେ। ବାପାଙ୍କ ପ୍ରେରଣାରେ ବିଜୁ-ପଟ୍ଟନାୟକ ଏହା ପରେ ବିମାନ ଚଳାଇବା ଟ୍ରେନିଂ ମଧ୍ୟ ନେଇଥିଲେ ଏବଂ ଇଣ୍ଡିଆନ ଏୟାରୱେଜର ଜଣେ ଦକ୍ଷ ଯୋଦ୍ଧା ପାଇଲଟ ଭାବେ ଯୋଗ ଦେଇଥିଲେ। ଜାତିର ପିତା ମହାତ୍ମା ଗାନ୍ଧି ଯେତେବେଳେ ସ୍ୱରାଜ ଆଶ୍ରମ ଆସିଥିଲେ, ପୋଲିସର ନାଲିଆଖି ଏବଂ ଲାଠିମାଡ଼ ତାଙ୍କୁ ଅଟକାଇ ପାରିନଥିଲା। ସେ ଲାଠିମାଡ଼ ଖାଇ ମଧ୍ୟ ଦୌଡ଼ିଯାଇ ଗାନ୍ଧୀଙ୍କ ସହିତ କର ମର୍ଦ୍ଦନ କରିଥିଲେ। ଏହି ଜାତୀୟତା ମନୋଭାବ ହିଁ ଭବିଷ୍ୟରେ ତାଙ୍କୁ ଓଡ଼ିଶାରେ ରାଜନିତୀ କ୍ଷେତ୍ରରେ ଯୋଗଦେବାପାଇଁ ଆନ୍ତରିକ ପ୍ରେରଣା ଯୋଗାଇଥିଲା। ୧୯୩୮ରେ ବିଜୁ ପଟ୍ଟନାୟକଙ୍କର ବିବାହ ହୋଇଥିଲା। କାଶ୍ମିରର ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଜ୍ଞାନଦେବୀଙ୍କ ସହିତ। ୧୯୬୦ ମସିହାରେ ବିଜୁ ପଟ୍ଟନାୟକ କଂଗ୍ରେସକୁ ମଜବୁତ କରି ୧୪୦ ସଭ୍ୟ ବିଶିଷ୍ଟ ବିଧାନସଭା ନିର୍ବାଚନରେ ୪୩ଜଣ କଂଗ୍ରେସ ବିଧାୟକଙ୍କୁ ନିର୍ବାଚିତ କରି ଦୃଢ ସରକାର ଗଠନ କରି ସେ ମୁଖ୍ୟମନ୍ତ୍ରୀ ହୋଇଥିଲେ।

ଯେତେବେଳେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଭଳି ଦୂରଦ୍ରଷ୍ଟା, ରାଷ୍ଟ୍ରନିତୀଜ୍ଞ, ବିଦ୍ୱାନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ ସେତେବେଳେ ସେ ବିଜୁ ପଟ୍ଟାନୟକଙ୍କ ଦୁଃସାହାସ, ଦୂରଦୃଷ୍ଟି, ସ୍ୱାଭିମାନ ଦେଶପ୍ରୀତିର ଥିଲେ ଜଣେ ଉଚ୍ଚ ପ୍ରଶଂସକ। ୧୯୬୨ ମସିହାରେ ବିଜୁ ପଟ୍ଟନାୟକ ଜାନୁଆରୀ ୩ ତାରିଖରେ ପାରାଦୀପ ବନ୍ଦର ଶୁଭଦେବାପାଇଁ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କୁ ସେ ଆମନ୍ତ୍ରଣ କଲେ। ଅନେକ ଘାତ ପ୍ରତିଘାତ ସତ୍ତ୍ୱେ ସେ ପାରାଦୀପ ବନ୍ଦର, ରାଉରକେଲାରେ ଇସ୍ପାତ କାରଖାନା, ଇଂଜିନିୟରିଂ କଲେଜ, ସମ୍ବଲପୁର ଓ ବ୍ରହ୍ମପୁରରେ ଦୁଇଟି ମେଡ଼ିକାଲ କଲେଜ, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଓ ସୈନିକ ସ୍କୁଲ, ବିମାନ ଇଞ୍ଜିନ କାରଖାନା, ସିମେଣ୍ଟ କାରଖାନା, ଚାରବାଟିଆ ମିଲିଟାରୀ ବିମାନ ଅବତରଣ କେନ୍ଦ୍ର ନିର୍ମାଣ କରିବାରେ ଖୁବ କମ୍ ସମୟ ମଧ୍ୟରେ ସେ ସକ୍ଷମ ହୋଇଥିଲେ। ୧୯୪୬ରେ ଇଣ୍ଡୋନେସିଆର ରାଷ୍ଟ୍ରପତି କର୍ଣ୍ଣେଲ ହଟ୍ଟା ଓ ପ୍ରଧାନମନ୍ତ୍ରୀ ମହମ୍ମଦ ସାହାରିୟାରଙ୍କୁ ତାଙ୍କ ଡାକୋଟା ବିମାନରେ ଡଚ୍ଚମାନଙ୍କ କବଳରୁ ଦିଲ୍ଲୀ ନେଇ ଆସିଥିଲେ। ଏହି ଦୁଃସାହସିକ କାର୍ଯ୍ୟପାଇଁ ୧୯୫୦ ମସିହାରେ ଇଣ୍ଡୋନେସିଆ ସରକାରଙ୍କ ଦ୍ୱାରା ସେ ଭୂମିପୁତ୍ର ଉପାଧିରେ ସମ୍ମାନୀତ ହୋଇଥିଲେ। ମହାତ୍ମା ଗାନ୍ଧିଙ୍କ କଟକସ୍ଥିତ ସ୍ୱରାଜ ଆଗମନ ସମୟରେ ତତ୍କାଳୀନ ଗୋରା ସାହେବ ଏସ୍.ପି. ହାରଗ୍ରୀବଙ୍କ ଲାଠି ପ୍ରହାରରେ ବିଜୁ ପଟନାୟକଙ୍କ ମୁଣ୍ଡ ଫାଟି ଝରୁଥିବା ରକ୍ତକୁ ସେଦିନ ମହାତ୍ମା ଗାନ୍ଧିଙ୍କ ନିଜ ହାତରେ ପୋଛି ଦେଇଥିଲେ। ଯାହା କେବଳ ସ୍ପର୍ଶ ନଥିଲା, ତାହା ମନ୍ତ୍ର ଥିଲା ବିଜୁ ପଟ୍ଟନାୟକଙ୍କ ପାଇଁ। ପିଲାଦିନୁ ଗାନ୍ଧି, ନେତାଜୀ ଏବଂ ଜୟ ପ୍ରକାଶ ନାରାୟଣଙ୍କ ଆଦର୍ଶରେ ସେ ଅନୁପ୍ରାଣିତ ହୋଇଥିଲେ। ଦେଶର ସର୍ବାଙ୍ଗୀନ ଉନ୍ନତି ପାଇଁ ସେ ନିଜକୁ ଉତ୍ତର ଦାୟାଦ ମନେକରି ଦାୟିତ୍ୱ ବଦ୍ଧତାର ପରିକର ଗ୍ରହଣ କରିଥିଲେ। ସେ କଦାପି ଭୁଲିଯାଇ ନଥିଲେ, ମା'ମାଟି ମମତାର ଅନ୍ତର୍ନିହିତ କଥା, ଗାଥା, ବ୍ୟଥାକୁ ବ୍ରିଟିଶ ନିର୍ଯ୍ୟାତନାର ସ୍ମୃତିକୁ। ସେ ବିଶ୍ୱାସ କରିଥିଲେ ଯେ ଜନଗଣମାନଙ୍କର ଅର୍ଥନୈତିକ, ଶିକ୍ଷାନୈତିକ ଓ ସ୍ୱାସ୍ଥ୍ୟଗତ ପରିବର୍ତ୍ତନ ଆସିଲେ ଦେଶର ବିକାଶ ଅବଶ୍ୟମ୍ଭାବୀ। ୧୯୩୦ ମସିହାରେ ଯେତେବେଳେ ପ୍ରଳୟଙ୍କରୀ ବନ୍ୟା ଓଡ଼ିଶାର ପୁରପଲ୍ଲୀରେ ବିଶେଷ କରି ବରୀ ଅଞ୍ଚଳରେ ନାହିଁ ନଥିବା ଦୁର୍ଦ୍ଦଶା ଦେଖା ଯାଇଥିଲା, ସେହି ବନ୍ୟା ଦୁର୍ଭିକ୍ଷ ପ୍ରପିଡ଼ିତ ଅଞ୍ଚଳରେ ଉତ୍କଳମଣୀ ନିଜେ ତାଙ୍କର କିଛି ଛାତ୍ରମାନଙ୍କ ସହ ବନ୍ୟା ଅଞ୍ଚଳକୁ ବାହାରିଲେ। ହଠାତ୍ ଦଲକାଇ ପବନ ଆସି ଦାସେଙ୍କ ହାତରୁ ଛତାଟିକୁ ଉଡ଼ାଇନେଲା। ଠିକ୍ ସେହି ସମୟରେ ଅନ୍ୟ ଛାତ୍ରମାନେ ଜାଣିବା ପୂର୍ବରୁ ବିଜୁ ପଟ୍ଟନାୟକ ପାଣିକୁ ଡ଼େଇଁପଡ଼ି ପ୍ରବଳ ସ୍ରୋତରେ ଭାସିଯାଉଥିବା ଛତା ଆଡକୁ ଛୁଟିଚାଲିଲେ। ଗୋପବନ୍ଧୁ ମଧ୍ୟ ନିର୍ବାକ ଓ ନିଷ୍ପ୍ରଭ ହୋଇ ଚାହିଁ ରହିଥାଆନ୍ତି। କିଶୋର ପିଲାଟିର ପାଣିକୁ ଖାତିର ନଥାଏ। ଛତାଟିକୁ ପାଣିରୁ ଆଣି ଗୋପବନ୍ଧୁଙ୍କ ହାତକୁ ବଢାଇ ଦେଲେ। ପଛରେ ସେହି ପିଲାଟିର ପରିଚୟ ପାଇଲେ ସେ ତାଙ୍କ ବନ୍ଧୁ ଲକ୍ଷ୍ମୀ ନାରାୟଣ ଦେବଙ୍କ ପୁଅ ବିଜୟା ନନ୍ଦ ପଟ୍ଟନାୟକ (ବିଜୁ ପଟ୍ଟନାୟକ)। ଯେତେବେଳେ ଗୋପବଂଧୁ କହି ଉଠିଲେ ସାମାନ୍ୟ ଛତାଟିକୁ ଆଣିବାକୁ ଯାଇ ଆଜି ଯଦି ତୋର ଜୀବନ ଚାଲିଯାଇଥାନ୍ତା ତେବେ ମୁଁ ତୋ ବାପାଙ୍କୁ ମୁହଁ କିପରି ଦେଖାଇପାରିଥାନ୍ତି ? ବିଜୁ ପଟ୍ଟନାୟକ ସେଦିନ ଅତି ବିନମ୍ରତାର ସହ କହିଲେ, ମୁଁ ଯଦି ପାଣିରେ ଏଭଳି ମରିଥାନ୍ତି ମୋ ବାପା ନିଶ୍ଚିତ ଭାବରେ ଗର୍ବ ଅନୁଭବ କରିଥାନ୍ତେ। ଏବଂ ଆପଣଙ୍କ ଛତା ଗୋଟିଏ ମାମୁଲି ଛତା ନୁହେଁ। ଏହା ଓଡ଼ିଆ ଜାତିର ଅମୂଲ୍ୟ ସମ୍ପଦ। ଏହି କଥା ପଦକ ଶୁଣି ଗୋପବଂଧୁ ସେଦିନ କାନ୍ଦି ପକାଇଥିଲେ। ଆଉ କହିଥିଲେ, "ତୁ ଏତେ ବକଟେ ପିଲା ତୋ' ମୁଣ୍ଡରେ ପୁଣି ଏ ଓଡ଼ିଆ ଜାତିପାଇଁ ଏତେ ଭାବନା। ତୁ ନିଶ୍ଚିତ ଭବିଷ୍ୟତରେ ଜଣେ ବଡ଼ ମଣିଷ ହେବୁ, ଆଉ ଦେଶ ବିଦେଶରେ ନାଆ ରଖିବୁ। ସେଦିନର ଗୋପବନ୍ଧୁଙ୍କ କଥା ସତ ହେଲା। ବିଜୁ-ପଟ୍ଟନାୟକ କେବଳ ଓଡ଼ିଶା ନୁହେଁ ସମଗ୍ର ଦେଶ ବିଦେଶରେ ଖୁବ୍ ପରିଚିତ ହେଲେ।

୧୯୯୭ ମସିହା ଏପ୍ରିଲ ମାସ ୧୭ ତାରିଖରେ ୮୧ ବର୍ଷ ବୟସରେ ସେ ଇହଲୀଳା ସମ୍ବରଣ କଲେ, ଅମର ହୋଇଗଲେ। ମାତ୍ର ଏକ ସତ୍ୟ ନିଚ୍ଛକ ଅମର କାହାଣୀଟିଏ ହୋଇ ରହିଗଲା। ତାଙ୍କର ମୃତ୍ୟୁ ଥିଲା ଏ ଓଡ଼ିଆ ଜାତିପାଇଁ ଏକ ଅପୂରଣୀୟ ଜାତୀୟ କ୍ଷତି। ପ୍ରକୃତରେ ସେ ହିଁ ଥିଲେ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଭାଷାରେ ଏ ମାଟିର ଝଡ଼ର ଇଗଲ ଏବଂ କଳିଙ୍ଗ ବୀର ଶେଷ ସମ୍ରାଟ। ତାଙ୍କ ଭଳି ଦୁର୍ଦ୍ଧଷ ସଂଗ୍ରାମୀ। ମହାନ ବ୍ୟକ୍ତିତ୍ୱ ଏବେ ମଧ୍ୟ ଓଡ଼ିଶା ଇତିହାସରେ ବିରଳ। ସବୁଠାରୁ ଓଡ଼ିଶାର ସଫଳ ଯୋଜନା ହେଉଛି ଓଡ଼ିଶାର ପ୍ରଗତିର ମୁଖଶାଳା ପାରାଦୀପ ବନ୍ଦର। ଆଜି ବିଜୁ ପଟ୍ଟନାୟକ ନାହାନ୍ତି ସତ ମାତ୍ର ତାଙ୍କ ଶିଳ୍ପ ସମୃଦ୍ଧର ଓଡ଼ିଶା ଆଜି ବିକାଶ ପଥରେ ଏକ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଯଦି ତାଙ୍କରି ଆଦର୍ଶରେ ଆଜି ଯୁବଗୋଷ୍ଠୀ, ମହିଳାଗୋଷ୍ଠୀ, ଛାତ୍ରଗୋଷ୍ଠୀ ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବେ, ତେବେ ତାହା ହିଁ ହେବ ବିଜୁ - ପଟ୍ଟନାୟକଙ୍କ ପ୍ରତି ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି। ତେଣୁ ଆଜିର ପବିତ୍ର ଜୟନ୍ତୀ ଅବସରରେ ମୁଁ ମୋର ହୃଦୟସ୍ପର୍ଶୀ ଶ୍ରଦ୍ଧା ଓ ଭକ୍ତିପୂତ ସମ୍ମାନ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି। ଜୟ ଓଡ଼ିଶା, ଜୟ ଭାରତ, ଜୟ ବିଜୁ ପଟ୍ଟନାୟକ।

*ରାଜ୍ୟ ସଭାପତି,*
*ଓଡ଼ିଶା ସାମ୍ବାଦିକ ସୁରକ୍ଷା ସଂଗଠନ,*
*ପୂର୍ବତନ ରାଜ୍ୟ ଛାତ୍ର ଜନତାଦଳ ସାଧାରଣ ସଂପାଦକ,*
*ଜାତୀୟ ସ୍ତରର ସାମ୍ବାଦିକ ଇଣ୍ଡିଆନ ନିୟୁଜ ସାଇଟ୍,*
*ଆନ୍ତର୍ଜାତୀୟ ସ୍ତରର ସ୍ତମ୍ଭକାର, ପୁରୁଣା, ଭୁବନେଶ୍ୱର-୨,*
*ମୋ :- ୭୮୪୮୮୯୮୪୫୬*




# କୃଷି ବିଲ୍‌କୁ ବିରୋଧ କରି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ଓ ସମାବେଶ

ଖୋର୍ଦ୍ଧା (ପିଏନ)-କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆଣିଥିବା କୃଷି ବିଲ ହେଉଛି କୃଷି ମାରଣ ବିଲ୍। ଏହି ବିଲ୍ ପାସ୍ ହେବା ଦ୍ୱାରା ବଡ ବଡ କମ୍ପାନୀ ଓ ପୁଞ୍ଜିପତିଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇଛି। ଏହି କୃଷି ମାରଣ ବିଲ୍‌କୁ ସାରା ଭାରତବର୍ଷରେ ଚାଷୀ, ସାଧାରଣ ଲୋକ ବିରୋଧ କରୁଥିବା ବେଳେ ଓଡିଶାରେ ମଧ୍ୟ ବିରୋଧ କରାଯାଇଛି। ଏହି ଅବସରରେ କିଛି ଦିନ ତଳେ ପ୍ରଦେଶ କଂଗ୍ରେସ ପକ୍ଷରୁ ବାଲେଶ୍ୱର ଠାରେ ଏକ ରାଜ୍ୟସ୍ତରୀୟ କୃଷି ସମାବେଶ ଅନୁଷ୍ଠିତ ହୋଇଥିଲା। ସେହିପରି ଆଜି ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ପକ୍ଷରୁ ଖୋର୍ଦ୍ଧାରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ପ୍ରାକ୍ତନ ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ତଥା ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ନେତୃତ୍ୱରେ ଶହ ଶହ କଂଗ୍ରେସ କର୍ମୀ ଏବଂ ଚାଷୀ ସେମାନଙ୍କ ଟ୍ରାକ୍ଟର ଓ ହଳଲଙ୍ଗଳ ଧରି ଅଭିନବ ଉପାୟରେ ଏକ ଶୋଭାଯାତ୍ରାରେ ଯାଇ ଜିଲ୍ଲାପାଳଙ୍କ ଅଫିସ ଘେରାଉ କରିଥିଲେ। କୃଷି ବିଲ୍ ଆଇନ୍‌ର ପ୍ରତ୍ୟାହାର ଦାବିରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କ



ଅନୁପସ୍ଥିତିରେ ତହସିଲ୍‌ଦାରଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଏହି କୃଷି ବିଲ୍ ପାରିତ ହେବା ଦ୍ୱାରା କୃଷକମାନେ କେତେ ଯେ ହଇରାଣ ହରକତ ହେବେ ବୋଲି ବିଧାୟକ ସୁରେଶ କୁମାର ରାଉତରାୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତ୍ରୀବ୍ର ସମାଲୋଚନା କରିଥିଲେ। ଓଡିଶାରେ କଂଗ୍ରେସ ସରକାର ସମୟରେ ଚାଷୀମାନଙ୍କର ଅଭୂତପୂର୍ବ ଉନ୍ନତି ହୋଇଥିଲା। କୃଷି ଶିକ୍ଷ ସାଂଗକୁ ଜଳସେଚନ ବ୍ୟବସ୍ଥାକୁ ମଜବୁତ କରାଯାଇଥିଲା। ଦିର୍ଘ ୨୧ ବର୍ଷ ଧରି ଏଠାରେ ଶାସନ କରୁଥିବା ନବୀନ ସରକାର ଚାଷୀ ତଥା କୃଷି କ୍ଷେତ୍ରକୁ ଅବହେଳା କରିଛନ୍ତି। ଏହି ଚାଷୀବିଲ୍ ପାରିତ ହେବା ପରେ ଚାଷୀମାନେ ତାଙ୍କ ଖାଦ୍ୟଶସ୍ୟର ଉପଯୁକ୍ତ ମୂଲ୍ୟ ନପାଇବାରୁ ବହୁତ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସାଧାରଣ ଜନତା ବି ଏଥିରୁ ତ୍ରାହି ପାଇନାହାନ୍ତି। ବର୍ତମାନ ଅତ୍ୟାବଶ୍ୟକୀୟ ସାମଗ୍ରୀ, ଫଳ, ପନିପରିବା ଦର ହୁ ହୁ ହୋଇ ବଢ଼ିଚାଲିଛି। ରାଜ୍ୟରେ କରୋନା ମହାମାରୀ ବର୍ତମାନ ସଂକଟ ପରିସ୍ଥିତି ଦେଇ ଗତି କରୁଥିବା ବେଳେ ସାଧାରଣ ଲୋକଟିଏ ଜୀବନ ବଂଚାଇବା ପାଇଁ ସଂଘର୍ଷ କରୁଛି। ଏହି ସମୟରେ ଅତ୍ୟାବଶ୍ୟକୀୟ ସାମଗ୍ରୀ ବଢ଼ିବା ତାଙ୍କ ଉପରେ ବୋଝ ଉପରେ ଲଳିତାବିଡା ସଦୃଶ ହୋଇଛି। ତେଣୁ ଏହି କଳା କୃଷି ବିଲ୍ ଆଇନ୍‌କୁ ସମସ୍ତ ଜନସାଧାରଣ ବିରୋଧ କରିବା ଉଚିତ୍ ବୋଲି ଶ୍ରୀ ରାଉତରାୟ ତାଙ୍କ ଉଦ୍‌ବୋଧନରେ କହିଥିଲେ। ଆଜିର ସମାବେଶରେ ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ଶୁଭେନ୍ଦୁ ମହାନ୍ତି, ପ୍ରଦୀପ ସ୍ୱାଇଁ, ପ୍ରଦୀପ ସାହୁ, ଶିଶିର ପରିଡା, ସଂଗ୍ରାମ ରାଉତରାୟ, ସୁନିଲ୍ ରାଉତରାୟ, ସୁଧାଂଶୁ ମୋହନ ପଟ୍ଟନାୟକ, ତ୍ରିଲୋଚନ ପ୍ରଧାନ, ତପନକାନ୍ତ ଚକ୍ରବର୍ତୀ, ଅମିତ୍ ମହାନ୍ତି, କଳିଙ୍ଗ ସାହୁ, ନୌସର ଅଲ୍ଲୀ, ବୃନ୍ଦାବନ ସାହୁ, ଅନନ୍ତ ବେହେରା, ବାବୁଲି ରାଉତରାୟ, ଦିବାକର ବେହେରା, ପଦୁ ରାୟ, ସଂଜୟ ପଟ୍ଟନାୟକ, ଜୟକୃଷ୍ଣ ମଲିଆ, ସ୍ୱାଗତ କର, ବଟକୃଷ୍ଣ ରାଉତରାୟ, ଜୟନ୍ତ ଭୋଇ, ପ୍ରସାଦ ବଳିୟାରସିଂ, କାଳନ୍ଦି ଚରଣ ନାୟକ, ସୁବାସ ପାତ୍ର ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଯୋଗ ଦେଇଥିଲେ।

# ବିଶିଷ୍ଟ ସାହିତ୍ୟିକ ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ବିୟୋଗରେ ଓଡ଼ିଶା ସାହିତ୍ୟ ଏକାଡେମୀ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର,(ପି.ଏନ): ବିଶିଷ୍ଟ ସାହିତ୍ୟିକ, ପ୍ରାବନ୍ଧିକ, କବି ତଥା ଅନୁବାଦକ ପ୍ରହରାଜ ସତ୍ୟନାରାୟଣ ନନ୍ଦ ଆଜି ୨୬ ଫେବୃଆରୀ ୨୦୨୫ ପବିତ୍ର ମହାଶିବରାତ୍ରି ତିଥିରେ ତାଙ୍କର ବାସଭବନ ବାଲେଶ୍ୱର ଜିଲ୍ଲାର ରାଜ ନୀଳଗିରିଠାରେ ଅପରାହ୍ଣ ୨.୦୦ ଘଟିକାରେ ପରଲୋକ ଗମନ ହୋଇଯାଇଛି। ସ୍ୱର୍ଗତ ନନ୍ଦଙ୍କ ବିୟୋଗରେ ଓଡ଼ିଆ ସାହିତ୍ୟ ଜଗତର ଏକ ଅପୂରଣୀୟ ଶୂନ୍ୟ ସ୍ଥାନ ସୃଷ୍ଟି ହୋଇଯାଇଛି। ସେ ଜଣେ ସରଳ, ନିଷ୍କପଟ ଓ ଦରଦୀ ହୃଦୟର ମଣିଷ ଥିଲେ। ୬ ସେପ୍ଟେମ୍ବର ୧୯୪୩ ମସିହାରେ ରାଜ ନୀଳଗିରିଠାରେ ସ୍ୱର୍ଗତ ନନ୍ଦ ଜନ୍ମଗ୍ରହଣ କରିଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୨ ବର୍ଷ ହୋଇ ଥିଲା। ପିତା ଲକ୍ଷ୍ମୀନାରାୟଣ ନନ୍ଦ ଓ ମାତା ସାବିତ୍ରୀ ଦେବୀଙ୍କ ଔରସରୁ ଜନ୍ମିତ ଏହି ସୁପୁତ୍ରଙ୍କର ଓଡ଼ିଆ ସାହିତ୍ୟ ପ୍ରତି ବହୁ ଅବଦାନ ରହିଅଛି। ଜଣେ ପ୍ରଜ୍ଞାବାନ ଓ ସିଦ୍ଧ ସାହିତ୍ୟ ସ୍ରଷ୍ଟା ଭାବେ ସ୍ୱର୍ଗତ ପ୍ରହରାଜ ସାହିତ୍ୟର ସମସ୍ତ ବିଭାବକୁ ଛୁଇଁ ଯାଇଅଛନ୍ତି। ସାହିତ୍ୟକୃତି ମଧ୍ୟରେ **ନୀଳ ହଂସର ଜ୍ୱାଳା, ଅଧପତନର ଛନ୍ଦ, ଶବସଙ୍ଗମ ଓ ଅନ୍ୟାନ୍ୟ କବିତା, ଜିଅନ୍ତା ଶାଳଗ୍ରାମ, ସପ୍ତଦ୍ୱୀପା ବସୁନ୍ଧରା, ସନେଟ୍ ସା, ହିରଣ୍ୟୟେନ ପାତ୍ରେଣ, ହିରଣ୍ୟୟେନ ସବିତା ରଥେନା, ବର୍ଷାର ପାଦରେ ନୂପୁର, ରେଶମୀ ଡୋରରେ ବନ୍ଧା ଗୋଟିଏ ପକ୍ଷୀ, ନକ୍ଷତ୍ର ସଙ୍ଗମ ଓ ଅନ୍ୟାନ୍ୟ କବିତା, ଶ୍ରୀରାଧାର ପୂର୍ଣ୍ଣାଙ୍ଗ ଆଲୋଚନା, ହାତରେ ମଶାଲ ଧରି ପାହାଡ଼କୁ ଉଠୁଥିବା ଲୋକ, ଶ୍ରେଷ୍ଠ ପ୍ରେମ କବିତା, ଶ୍ରେଷ୍ଠ ପ୍ରେମ ସନେଟ୍, ସାତଟି ଦୀର୍ଘ କବିତା** ଓ ଓଡ଼ିଶା ସାହିତ୍ୟ ଏକାଡେମୀ ପ୍ରକାଶିତ **କବି ଅନନ୍ତ ପଟ୍ଟନାୟକ** ମନୋଗ୍ରାଫ ଇତ୍ୟାଦି ତାଙ୍କର ଉଲ୍ଲେଖନୀୟ ଅବଦାନ।

ଏହି ପ୍ରଥିତଯଶା ସାହିତ୍ୟିକ ସ୍ୱର୍ଗତ ପ୍ରହରାଜ ସତ୍ୟନାରାୟଣ ନନ୍ଦଙ୍କ ବହୁମୁଖି ପ୍ରତିଭା ଓଡ଼ିଆ ସାହିତ୍ୟରେ ଏକ ସ୍ୱତନ୍ତ୍ର ଓ ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ଅଧିକାର କରିପାରିଛି। ତାଙ୍କର ବିୟୋଗରେ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ବିଭାଗର ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ,ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀଯୁକ୍ତ ସଂଜୀବ କୁମାର ମିଶ୍ର, ଯୁଗ୍ମ ଶାସନ ସଚିବ ଶ୍ରୀଯୁକ୍ତ ଦେବପ୍ରସାଦ ଦାଶ,ନିର୍ଦ୍ଦେଶକ ଶ୍ରୀ ବିଜୟ କେତନ ଉପାଧ୍ୟାୟ, ଯୁଗ୍ମ ନିର୍ଦ୍ଦେଶକ ଶ୍ରୀଯୁକ୍ତ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଛନ୍ତି। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତା ଏବଂ ଏକାଡେମୀର ସହ-ସଚିବ ଶ୍ରୀ ସଞ୍ଜୟ କୁମାର ଛୁଆଳସିଂହ ଓ କର୍ମକର୍ତ୍ତାମାନେ କାର୍ଯ୍ୟାଳୟରେ ଉପସ୍ଥିତ ରହିବ ସ୍ୱର୍ଗତ ନନ୍ଦଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ବେସାରିକ ଯୋଗାଣ ବିଭାଗ ଦ୍ୱାରା ପରିଚାଳିତ ଏଚ୍‌ପିସିଏଲ ଗ୍ୟାସ୍ ଗୋଦାମ ପାଇଁ ଜମି ଯୋଗାଇ ଦେବାକୁ ଦାବୀ

କେନ୍ଦୁଝର(ପିଏନ): ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ମିଳୁନଥିବାରୁ ଡିଲରସିପ ବନ୍ଦ ହେବାକୁ ଯାଉଛି। ନିଜସ୍ୱ ଗୋଦାମ ଘର ନଥିବାରୁ ବିଭିନ୍ନ ବିଭାଗର ଯଥା ଏକ୍ସପ୍ଲୋସିଭ ଲାଇସେନ୍ସ, ଫାୟରସେଫ୍ଟି ଲାଇସେନ୍ସ ୨୬ ବର୍ଷ ଧରି ମିଳିପାରୁନାହିଁ। ଗ୍ୟାସ ସିଲିଣ୍ଡର ଷ୍ଟୋରେଜ ପାଇଁ ଆବଶ୍ୟକୀୟ ଷ୍ଟୋରେଜ ପାଇଁ ଆବଶ୍ୟକ ୧ ଏକର ଜମି ପାଇଁ ବାରମ୍ବାର ସଦର ତହସିଲକୁ ଆବେଦନ କଲେ ମଧ୍ୟ ଜମି ନଥିବା କହି ତହସିଲ ପକ୍ଷରୁ ଅଗ୍ରାହ୍ୟ କରାଯାଉଛି। କେନ୍ଦୁଝର ସଦର ମହକୁମାରେ ଜନାକୀର୍ଣ୍ଣ ତଥା ଶିକ୍ଷାନୁଷ୍ଠାନକୁ ସଂଲଗ୍ନ ଥାଇ ଏକ ବିପଦସଂକୁଳ ଘରେ ଗ୍ୟାସ୍ ଗୋଦାମ ଚାଲୁଥିବାବେଳେ ଜମି ମିଳୁନଥିବାରୁ ଗୋଦାମ ଘର ହୋଇପାରୁନଥିବା ଜଣାପଡିଛି। ତେବେ ସୁରକ୍ଷା ଦୃଷ୍ଟି କୋଣରୁ ଗ୍ୟାସ ଗୋଦାମ ଜନବସତିଠାରୁ ଦୂରରେ କରିବା ପାଇଁ ନିଷ୍ପ ି ହୋଇଥିଲା। କିନ୍ତୁ ରାଜସ୍ୱ ବିଭାଗ ଆବଶ୍ୟକୀୟ ଜମି ଯୋଗାଇ ଦେଉନଥିବାରୁ ଗ୍ୟାସ ଗୋଦାମ ଅନ୍ୟତ୍ର ସ୍ଥାନାନ୍ତର ହୋଇ ପାରୁନାହିଁ। ଓଡିଶା ସରକାରଙ୍କ ଖାଉଟି କଲ୍ୟାଣ ଓ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଯୋଗାଣ ନିଗମ ନିଗମ ଲିମିଟେଡ ଦ୍ୱାରା ପରିଚାଳିତ ଏହି ଗ୍ୟାସ ଗୋଦାମ ଆବଶ୍ୟକୀୟ ସୁରକ୍ଷା ଅଭାବରୁ ଏହାକୁ ଏଲପିଜି ବିତରଣ କରୁଥିବା କମ୍ପାନୀ ବନ୍ଦ କରିବାକୁ ସ୍ପଷ୍ଟ ଭାବେ ଜଣାଇଛି। ଏଚ୍‌ପିସିଏଲର ଡିଜିଏମ ଧର୍ମେନ୍ଦ୍ର ବେହୁରା ଗୋଦାମ ଘର ନଥିବାରୁ ବେସାମରିକ ଯୋଗାଣ ବିଭାଗ ଅଧିନରେ ଥିବା ଆଡହକ ଡିଲରସିପ ୩୦ ନଭେମ୍ବର ୨୦୨୦ରେ ବନ୍ଦ କରିବାକୁ ଜିଲ୍ଲା ପରିଚାଳକ ବେସାମରିକ ଯୋଗାଣ ଅଧିକାରୀଙ୍କୁ ଚିଠି କରି ଜଣାଇବା ପରେ କେନ୍ଦୁଝର ସହରରେ ବିଭିନ୍ନ ମହଲରେ ଅସନ୍ତୋଷ ଦେଖାଦେଇଛି। ଏହି ଡିଲରସିପ ଅଧିନରେ ୧୭,୪୦୦ ଉପଭୋକ୍ତା ଅଛନ୍ତି। ସୂଚନାଯୋଗ୍ୟ ଯେ, କେନ୍ଦୁଝର ସହରରେ ଏଚ୍‌ପିସିଏଲ କମ୍ପାନୀ ତରଫରୁ ଗ୍ୟାସ ଯୋଗାଇବା ପାଇଁ ପୂର୍ବରୁ ମେସର୍ସ କେନ୍ଦୁଝର ଗ୍ୟାସ ଏଜେନ୍ସିକୁ ଲାଇସେନ୍ସ ପ୍ରଦାନ କରାଯାଇଥିଲା। ତେବେ ଅନିୟମିତତା ଅଭିଯୋଗରେ ୧୯୯୬ ମସିହାରେ ଏହାର ଲାଇସେନ୍ସ ସସପେଣ୍ଡ ହୋଇଥିଲା। ଏହାପରେ ଏ ସଂପର୍କିତ ଏକ ମାମଲା କୋର୍ଟରେ ବିଚାରଧିନ ଥିବାବେଳେ ଏଚ୍‌ପିସିଏଲ କମ୍ପାନୀ ପକ୍ଷରୁ ଆଡହକରେ ବେସାମରିକ ଯୋଗାଣ ବିଭାଗକୁ ଡିଲରସିପ ଦିଆଯାଇଛି। ସେବେଠାରୁ ବେସାମରିକ ଯୋଗାଣ ବିଭାଗ ସୁଚାରୁରୁପେ ଏଲପିଜି ସିଲିଣ୍ଡର ଲୋକମାନଙ୍କୁ ଘରକୁ ଘର ଗାଡି ଦ୍ୱାରା ସୁଚାରୁରୂପେ ଗ୍ୟାସ ସିଲିଣ୍ଡର ଯୋଗାଣ କରିଆସୁଛି। ଏହି ସଂସ୍ଥା ୨୬ ବର୍ଷ ଧରି ସୁରୁଖୁରୁରେ ଚାଲି ଆସୁଥିବାବେଳେ ବନ୍ଦ ହେଲେ ଗ୍ୟାସ ବିତରଣରେ ବିଭ୍ରାଟ ହେବ ଏବଂ ଉପଭୋକ୍ତାମାନେ ହଇରାଣ ହେବ ବୋଲି ବହୁ ଜନସାଧାରଣ ପ୍ରକାଶ କରିଛନ୍ତି। ଏ ନେଇ ଶୁକ୍ରବାର ଦିନ ବରଦା ପ୍ରସନ୍ନ ଦାସ, ରୁଦ୍ର ନାରାୟଣ ମହାନ୍ତ, ସୁଧାଂଶୁ ଶେଖର ସାହୁ, ଅସିତ୍ ପଟ୍ଟନାୟକ, ରମେଶ ଚନ୍ଦ୍ର ନାୟକ, ରବିନ୍ଦ୍ର କୁମାର ସେଠୀ, ବାସୁଦେବ ରାଜ, ମନୋରଞ୍ଜନ ମଙ୍ଗରାଜ, ଶୁଭେନ୍ଦୁ ସାହୁ, କବିଚରଣ ନାୟକ, ଅଜୟ ଅଗ୍ରୱାଲ, ଅନୀଲ ଅଗ୍ରୱାଲ, କା ିକ ସେଠୀ, ସୌରଭ ମହାପାତ୍ର, ଗୌତମ ମହାପାତ୍ର, ଶାନ୍ତନୁ ମହାନ୍ତି, ଶୁକୁମାର ଦେ,ରଜତ କୁମାର ଗିରି, କୈଳାଶ ଚନ୍ଦ୍ର ଜେନା,ଦେବେନ୍ଦ୍ର ନାଥ ମହାନ୍ତି, ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ସଂଜୟ କୁମାର ମହାନ୍ତ, ରାକେଶ କୁମାର ସାହୁ, ରାମଚନ୍ଦ୍ର ସେଠୀ,ସଂଜୟ କୁମାର ପଣ୍ଡା, ସତ୍ୟାନନ୍ଦ ମହାନ୍ତ, ଶରତ ଚନ୍ଦ୍ର ମହାନ୍ତ, ମନୋଜ କୁମାର ମହାନ୍ତ,ଏମଡି ଇରସାଦ, ସୁବାସ ଚନ୍ଦ୍ର ସାହୁ, ଧରଣୀଧର ମହାନ୍ତ, ନାରାୟଣ ନାୟକ, ପ୍ରଶାନ୍ତ କୁମାର ଭଞ୍ଜଦେଓ ପ୍ରମୁଖଏକ ଦାବୀ ପତ୍ର ମାଧ୍ୟମରେ ବେସାରିକ ଯୋଗାଣ ବିଭାଗକୁ ୧ ଏକର ଜମି ଯୋଗାଇ ଦେବାକୁ ଜିଲ୍ଲାପାଳଙ୍କୁ ଦାବୀ କରିଛନ୍ତି।

# ଅଧିକାର ମାଇକ୍ରୋଫାଇନାନ୍ସ: ମହିଳା ଉଦ୍ୟୋଗୀଙ୍କ ସ୍ୱପ୍ନକୁ ସାକାର କରୁଛି

ସମ୍ବଲପୁର(ପିଏନ) : ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାରେ ମାଇକ୍ରୋଫାଇନାନ୍ସ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭୂମିକା ନିର୍ବାହ କରୁଛି। ଓଡ଼ିଶାର ବଲାଙ୍ଗୀର ଜିଲା ଅନ୍ତର୍ଗତ ଖଇରଟିକ୍ରା ଗ୍ରାମର ଜଣେ ଅଧିବାସୀ ପୁଷ୍ପାଞ୍ଜଳି ମେହେରଙ୍କ ଅଭିବୃଦ୍ଧି କାହାଣୀ ତାଙ୍କ ସମେତ ଅନ୍ୟ ବହୁ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ମହିଳାଙ୍କ ଜୀବନରେ ମାଇକ୍ରୋ-କ୍ରେଡିଟର ଗୁରୁତ୍ୱକୁ ପ୍ରଦର୍ଶିତ କରୁଛି, ଯେଉଁମାନଙ୍କ ପାଇଁ ମୁଖ୍ୟସ୍ରୋତ ବ୍ୟାଙ୍କିଙ୍ଗ୍ ସେବା ପାଇବାକୁ ସୀମିତ ସୁଯୋଗ ରହିଥିଲା। ତାଙ୍କ ସାହସ ଏବଂ ଏକାଗ୍ରତାର କାହାଣୀ ତାଙ୍କୁ ତାଙ୍କ ପରିବାରକୁ ଦାରିଦ୍ର୍ୟ ମଧ୍ୟରୁ ଆର୍ଥିକ ସ୍ଥିରତା ଆଡକୁ ଅଗ୍ରସର କରାଇବାର ଦୀର୍ଘପଥ ଅଗ୍ରସର କରାଇଛି। ପୁଷ୍ପାଞ୍ଜଳିଙ୍କର ଚାରିଜଣିଆ ପରିବାରରେ ତାଙ୍କ ସ୍ୱାମୀ ଏବଂ ଦୁଇଜଣ ବଡ ପିଲା ଅଛନ୍ତି, ଯେଉଁମାନେ ପରିବାରର ଦୈନନ୍ଦିନ ଆବଶ୍ୟକତା ପୂରଣ ପାଇଁ ସଂଗ୍ରାମ କରୁଥିଲେ। ପୁଷ୍ପାଞ୍ଜଳିଙ୍କ ସ୍ୱାମୀ ଏକ କ୍ଷୁଦ୍ର ତନ୍ତ ଦୋକାନରେ ଜଣେ ସହାୟକ ଭାବେ କାମ କରନ୍ତି। ତାଙ୍କ କାର୍ଯ୍ୟରୁ ମିଳୁଥିବା ଅତି ସ୍ୱଳ୍ପ ଆୟ ପରିବାରର ଆବଶ୍ୟକତା ପୂରଣ କରିବାକୁ ପର୍ଯ୍ୟାପ୍ତ ନଥିଲା। ସେମାନଙ୍କ ଅବସ୍ଥା ଏତେ ଖରାପ ଥିଲା ଯେ ସେମାନେ ପରିବାର ପାଇଁ ଦିନକରେ ଗୋଟିଏ ଥର ପେଟପୁରା ଖାଇବା ଯୋଗାଡ କରିବାକୁ ଅସମର୍ଥ ଥିଲେ। ପ୍ରତିଟି ଦିନ ଅତିବାହିତ ହେବାସହିତ ସେମାନଙ୍କ ଅବସ୍ଥା ଅଧିକରୁ ଅଧିକ ଖରାପ ହେବାକୁ ଲାଗିଲା, ଏବଂ ସେମାନଙ୍କୁ ଅଣଆନୁଷ୍ଠାନିକ ଋଣଦାତାଙ୍କ ଉପରେ ନିର୍ଭର କରିବାକୁ ପଡିଲା, ଯାହା ମାତ୍ରାଧିକ ସୁଧହାର ଯୋଗୁଁ ସେମାନଙ୍କ ପାଇଁ ଅଧିକ ବୋଝ ହୋଇପଡିଲା। ଏଭଳି ପରିସ୍ଥିତିରେ ଭାଙ୍ଗିପଡିଥିବା ପୁଷ୍ପାଞ୍ଜଳି ନିଜେ ଆର୍ଥିକ ସ୍ୱାବଲମ୍ବୀ ହୋଇ ପରିବାରର ସ୍ଥିତିରେ ଉନ୍ନତି ଆଣିବାକୁ ସ୍ଥିରକଲେ। ସେ



ଅଧିକାର ମାଇକ୍ରୋଫାଇନାନ୍ସର ମାଇକ୍ରୋଫାଇନାନ୍ସ ସୁବିଧା ସମ୍ପର୍କରେ ଅବଗତ ହେଲେ, ଅଧିକାରର ଟିମ୍ ନିକଟରୁ ସେମାନଙ୍କ ସେବା ସମ୍ପର୍କରେ ବିସ୍ତୃତ ଭାବେ ବୁଝିବା ପରେ ସେ ତୁରନ୍ତ ଅଧିକାରର ଜଣେ ସଦସ୍ୟ ହୋଇଗଲେ। ଏକ କ୍ଷୁଦ୍ର ତନ୍ତ ଦୋକାନ ଆରମ୍ଭ କରିବାକୁ ପ୍ରଥମେ ସେ ୧୦,୦୦୦ ଟଙ୍କା ଋଣ ନେଲେ। ନିଜ ସ୍ୱାମୀଙ୍କର ବୁଣାବୁଣି ଅଭିଜ୍ଞତାକୁ ଉପଯୋଗ କରି ସେମାନେ ସୁନ୍ଦର ସୁନ୍ଦର ସମ୍ବଲପୁରୀ ଶାଢୀ ତିଆରି କରିବା ଆରମ୍ଭକଲେ, ଯାହାକୁ ଗ୍ରାହକମାନେ ଅତ୍ୟନ୍ତ ପସନ୍ଦକଲେ ଏବଂ ସେମାନଙ୍କର ଆୟ ବୃଦ୍ଧିପାଇବାକୁ ଲାଗିଲା। ତାଙ୍କର ନିରବଚ୍ଛିନ୍ନ ପ୍ରୟାସ ବଳରେ ତାଙ୍କ ବ୍ୟବସାୟ ଲୋକପ୍ରିୟତା ହାସଲ କଲା ଏବଂ ତାହା ସେମାନଙ୍କ ଆର୍ଥିକ ସ୍ଥିତିରେ ଉନ୍ନତି ଆଣିଲା। ସେମାନେ ମାସକୁ ୬୦୦୦ରୁ ୭୦୦୦ ଟଙ୍କା ପର୍ଯ୍ୟନ୍ତ ଆୟ କରିବା ଆରମ୍ଭକଲେ। ତାଙ୍କର ପ୍ରଥମ ଋଣ ଅର୍ଥ ସଫଳତାର ସହିତ ପରିଶୋଧ କରିବାପରେ ସେ ନିଜ ବ୍ୟବସାୟ ସମ୍ପ୍ରସାରଣ କରିବାକୁ ଆଉ ୩୫,୦୦୦ ଟଙ୍କା ଋଣ ନେଲେ। କଠିନ ପରିଶ୍ରମ, ଅଧ୍ୟବସାୟ ଏବଂ ଅଧିକାର ନିକଟରୁ ସାମାନ୍ୟ ସମର୍ଥନ ପାଇ ପୁଷ୍ପାଞ୍ଜଳି ତାଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିବାକୁ ସମର୍ଥ ହେଲେ। ଅଧିକାର ମାଇକ୍ରୋଫାଇନାନ୍ସ ପକ୍ଷରୁ ବିଭିନ୍ନ ପର୍ଯ୍ୟାୟରେ ଆର୍ଥିକ ସାକ୍ଷରତା ସମ୍ପର୍କିତ ତାଲିମ ତାଙ୍କୁ ପରିବାର ପାଇଁ ସଞ୍ଚୟ କରିବା ଏବଂ ବ୍ୟବସାୟ ପାଇଁ ପୁଞ୍ଜି ଯୋଗାଡ କରିବାର ଜ୍ଞାନ ଏବଂ କୁଶଳତା ହାସଲ କରିବାକୁ ସମର୍ଥ କଲା। ଅନ୍ନପୂର୍ଣ୍ଣା ଫାଇନାନ୍ସ ପ୍ରତି ନିଜର କୃତଜ୍ଞତା ଜ୍ଞାପନ କରିବା ଅବସରରେ ପୁଷ୍ପାଞ୍ଜଳି କହିଛନ୍ତି, "ଅଧିକାର ମାଇକ୍ରୋଫାଇନାନ୍ସ ନିକଟରେ ମୁଁ କୃତଜ୍ଞ। ଏହା ଆର୍ଥିକ ସାକ୍ଷରତା ତାଲିମ ଏବଂ ବହୁ ଆକାଙ୍କ୍ଷିତ ଆର୍ଥିକ ସହାୟତା ଯୋଗାଇଦେଇ ମୋ ଜୀବନର ଗତିପଥକୁ ସମ୍ପୂର୍ଣ୍ଣ ବଦଳାଇଦେଇଛି। ଅଧିକାର ନିକଟରୁ ଆର୍ଥିକ ସହାୟତା ପାଇବା ପୂର୍ବରୁ ମୋ ନିଜର ଉଦ୍ୟାଗ ସ୍ଥାପନ କରିବା ଏବଂ ଉତ୍ତମ ଆୟ କରିବା କଥା ମୁଁ କେବେ କଳ୍ପନା କରିନଥିଲି। ଭବିଷ୍ୟତରେ କେବେ ଯଦି ମୋର ଆର୍ଥିକ ସହାୟତା ଆବଶ୍ୟକ ପଡେ ତେବେ ମୁଁ ସେହି ସଂସ୍ଥାକୁ ଅନୁରୋଧ କରିବି।"

## ଶିବରାତ୍ର ପୂର୍ବରାତ୍ରରେ ମହେନ୍ଦ୍ରଗିରିରେ ଶିବରାତ୍ରରେ ଜାଗର ପାଳିଲେ ଲକ୍ଷାଧିକ ଭକ୍ତ

ପାରଳାଖେମୁଣ୍ଡି, (ପି.ଏନ): ପୁରାଣ ପ୍ରସିଦ୍ଧ ଓଡିଶାର ହିମାଳୟ ଗଜପତି ଜିଲ୍ଲାରେ ଅବସ୍ଥିତ ମହେନ୍ଦ୍ରଗିରି ଠାରେ ପ୍ରତେକ ବର୍ଷ ଭଳି ଚ଼ଳିତ ବର୍ଷ ମଧ୍ୟ ମହାଶିବରାତ୍ରର ପୂର୍ବ ରାତ୍ର ଅର୍ଥାତ ଗତକାଲି ମଙ୍ଗଳବାର ରାତ୍ରିରେ ମହାଶିବରାତ୍ର ଓ ଜାଗର ପାଳନ ହୋଇଯାଇଛି।ମହେନ୍ଦ୍ରଗିରିରେ ଶିବରାତ୍ର ଓ ଜାଗର ପାଳନ ପାଇଁ ଲକ୍ଷାଧିକ ଭକ୍ତ ଓ ଶ୍ରଦ୍ଧାଳୁ ଯୋଗ ଦେଇଥଲେ। ସାରା ବିଶ୍ୱରେ ମହାଶିବରାତ୍ର ଆଜି ଅର୍ଥାତ ବୁଧବାର ରାତ୍ରିରେ ପାଳିତ ହେଉଛି। ହେଲେ ଗଜପତି ଜିଲ୍ଲାର ପୁରାଣ ପ୍ରସିଦ୍ଧ ମହେନ୍ଦ୍ରଗିରି ଠାରେ ବହୁ ପ୍ରାଚ଼ୀନ କାଳରୁ ଶିବରାତ୍ରର ପୂର୍ବ ରାତ୍ରରେ ମହାଶିବରାତ୍ରି ଓ ଜାଗର ପାଳନ ହୋଇଆସୁଛି।

# କାଦୁଅ ବିଲରେ ଫସି ହାତୀ ଶାବକର ମୃତ୍ୟୁ

କେନ୍ଦୁଝର(ପିଏନ)-ଭୂୟାଁ ଜୁଆଙ୍ଗ ପୀଢ କୁଶକଳା ବିଟ୍ ଅନ୍ତର୍ଗତ ନଡାପାଣି ଗାଁ ବିଲ କାଦୁଅରେ ଫସି ଗୋଟିଏ ୨ବର୍ଷର ହାତୀ ଶାବକର ମୃତ୍ୟୁ ହୋଇଥିବା ଜଣାପଡିଛି। ୯ଟି ହାତୀ ଥିବା ଗୋଟିଏ ଦଳ ଗୁରୁବାର ଦିନ ପାହାଡତଳ ଗାଁ ନଡାପାଣିରେ ରହିଥିଲେ। ଏହି ଦଳରେ ୨ଟି ଦନ୍ତା, ୪ଟି ମାଈ ଓ ୩ଟି ଛୁଆ ହାତୀ ଥିଲେ। ବନବିଭାଗର ସ୍କ୍ୱାର୍ଡ ମଧ୍ୟ ଏହି ଦଳ ଉପରେ ତୀକ୍ଷଣ ନଜର ରଖିଥିଲା। ତେବେ ଭୋର ସମୟରେ ହାତୀ ଦଳ କାଦୁଅ ବିଲ ଦେଇ ଯାଉଥିବାବେଳେ ୨ବର୍ଷର ଶାବକଟି କାଦୁଅରେ ଫସି ଯାଇଥିଲା। ଅନ୍ୟ ହାତୀମାନେ ଶାବକଟିକୁ କାଦୁଅରୁ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଶୁକ୍ରବାର ସକାଳୁ ସ୍ଥାନୀୟ ଲୋକେ ହାତୀ ଗର୍ଜନ ଶୁଣି



ବନବିଭାଗକୁ ଖବର ଦେଇଥିଲେ। ବିଜେପି ରେଞ୍ଜର ମାନସ କୁମାର ମୁର୍ମୁ,ଶୁଆକାଟୀ ଫରେଷ୍ଟର ଟିକେଶ୍ୱର ମହାନ୍ତ ଏବଂ ଅନ୍ୟ ବନ କର୍ମଚାରୀ ଘଟଣାସ୍ଥଳରେ ସକାଳ ୯ଟା ସମୟରେ ପହ ିବା ବେଳକୁ ହାତୀ ଶାବକଟିର ମୃତ୍ୟୁ ହୋଇଯାଇଥିବା ଦେଖିବାକୁ ମିଳିଥିଲା। କେନ୍ଦୁଝର ଡିଏଫ୍‌ଓ ସ୍ୱୟମ ମଲ୍ଲିକ ଘଟଣାସ୍ଥଳକୁ ଯାଇ ତଦନ୍ତ କରି ଫେରିଥିବାବେଳେ ଶନିବାର ଦିନ ହାତୀଶାବକଟିର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଜଣାପଡିଛି।

# ଚତୁର୍ଭୁଜ ନନ୍ଦ ଗୋପାଳ ସମାଜର ଦ୍ୱିତୀୟ ବାର୍ଷିକ ସମୀକ୍ଷା ବୈଠକ

ପାଲଲହଡା ,(ପି.ଏନ): ଚାରିଟି ଟି ଜିଲ୍ଲା ର ନନ୍ଦ ଗୋପାଳ ସମାଜ କର୍ମକର୍ତ୍ତା ଓ ସଦସ୍ୟ ମାନଙ୍କୁ ନେଇ ପାଲଲହଡ଼ା ବ୍ଲକ ନଗିରା ହାଟ ପଡିଆ ଠାରେ ଦ୍ୱିତୀୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ବୈଠକରେ ପାଞ୍ଚଟି ଜିଲ୍ଲା ର ଗୋପାଳ ସମାଜ ସଭାପତି ମିତ୍ରଭାନୁ ମହାକୁଳ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ସମ୍ମାନୀୟ ଅତିଥି ଭାବରେ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ଚରଣ ପ୍ରଧାନ, ସଂପାଦକ ଚିତ୍ତରଞ୍ଜନ ଖିଲାର, ଉପ ସଭାପତି ବ୍ରହ୍ମାନନ୍ଦ ବେହେରା, ସଙ୍ଗଠନ ସଂପାଦକ ବିନୋଦ ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ।ପ୍ରଥମେ ଗୋପାଳ ମାନଙ୍କ ଙ୍କ ଇଷ୍ଟଦେବ ପ୍ରଭୁ ଶ୍ରୀକୃଷ୍ଣ ଙ୍କୁ ପୂଜା ଅର୍ଚ୍ଚନା କରି ବୈଠକ ଆରମ୍ଭ ହୋଇଥିଲା। ଏହି ନନ୍ଦ ଗୋପାଳ ସମାଜ ରେ ଦେବଗଡ଼, ସୁନ୍ଦରଗଡ଼ , ଅନୁଗୋଳ ଏବଂ କେନ୍ଦୁଝର ଏହି ଚାରୋଟି ଜିଲ୍ଲାରୁ ଶତାଧିକ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ମାନେ ଆସି ଯୋଗଦେଇ ଥିଲେ । ବୈଠକରେ ଗୋପାଳ ସମାଜ ପକ୍ଷରୁ ଆଗାମୀ ଦିନରେ ସଂପୂର୍ଣ୍ଣ ମଦ ବନ୍ଦ କରିବା ପାଇଁ ନିଷ୍ପତ୍ତି, ଯୌତକ ପ୍ରଥା ଉଚ୍ଛେଦ ତା ସହିତ ଗୋ ମାତା ଙ୍କ ସୁରକ୍ଷା ପ୍ରତି ଧ୍ୟାନ ଓ ସରକାର ଗୋପାଳ ସମାଜ ନିମନ୍ତେ ଚାକିରୀ କ୍ଷେତ୍ର ରେ ସଂରକ୍ଷଣ ବ୍ୟବସ୍ଥା ପ୍ରତି ଧ୍ୟାନ ଦେବେ ଓ ବାର୍ଷିକ ଆଲୋଚନା ହୋଇଥିଲା। କାର୍ଯ୍ୟକ୍ରମ ରେ ୬୦୦ ରୁ ଉର୍ଦ୍ଧ କର୍ମକର୍ତା ଓ ସଦସ୍ୟ ଯୋଗଦେଇଥିଲେ।

# ରାଜ୍ୟରେ ନାରୀ ଅସୁରକ୍ଷିତ ଓ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ : କଂଗ୍ରେସ

ଭୁବନେଶ୍ୱର (ପିଏନ)- ତିର୍ତୋଲ ଅଂଚଳର ଜୈନିକା ନାବାଳିକାକୁ କଟକର ଚାଉଳିଆଗଞ୍ଜ ଥାନା ଅଧିନସ୍ଥ ଗଡିରାଉତପାଟଣାର ଏକ ପରିତ୍ୟକ୍ତ ଘରେ ୨୨ ଦିନ କାଳ ବନ୍ଦି କରି ରଖି ଗଣଦୁଷ୍କର୍ମ କରିବା ଘଟଣାରେ ରାଜ୍ୟରେ ଆଇନ୍ ଶୃଙ୍ଖଳା ସଂପୂର୍ଣ୍ଣ ବିପର୍ଯ୍ୟସ୍ତ ଏବଂ ନାରୀ ଅସୁରକ୍ଷିତ ବୋଲି କଂଗ୍ରେସ ଭବନରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସିଧାସଳଖ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ଘଟଣା ସଂପର୍କରେ ପୋଲିସ ପାଖରେ ଅପରାଧିଙ୍କ ସଂପର୍କରେ ନିର୍ଦ୍ଦିଷ୍ଟ ତଥ୍ୟ ଭିତିକ ଅଭିଯୋଗ ହେବାର ୪୮ ଘଂଟା ବିତି ଯାଇଥିଲେ ମଧ୍ୟ ଅପରାଧିଙ୍କୁ ପୋଲିସ ଧରିବାରେ ବିଫଳ। ସମଗ୍ର ଦେଶରେ ଦଣ୍ଡହାର ଠାରୁ ରାଜ୍ୟର ଦଣ୍ଡ ହାର ସର୍ବନିମ୍ନ। ଯେଉଁଥି ପାଇଁ ଅପରାଧିମାନେ ଅପରାଧ ଘଟାଇବା ପାଇଁ ପଛଘୁଂଚା ଦେଉନାହାନ୍ତି ଏବଂ ଅପରାଧିମାନଙ୍କୁ ଦଣ୍ଡ ଦେବା ପାଇଁ ସରକାରଙ୍କର ମାନସିକତା ମଧ୍ୟ ନାହିଁ। କାରଣ ଦୀର୍ଘ ୨୦ ବର୍ଷର ଶାସନ କାଳରେ ଅଧିକାଂଶ ଅପରାଧିକ ଘଟଣାରେ ସରକାରୀ ଦଳର କର୍ମୀ ସଂପୃକ୍ତ ହୋଇଥିବାରୁ ତଦନ୍ତକାରୀ ସଂସ୍ଥା ଅପରାଧିଙ୍କ ପ୍ରତି କୋହଳ ମନୋଭାବ ରଖି ଅଭିଯୋଗ ଫର୍ଦ୍ଦ ଦାଖଲ କରୁଥିବାରୁ ଅପରାଧିମାନେ ଅପରାଧ ଘଟାଇ



ଖସିବାରେ ସଫଳ ହେଉଛନ୍ତି ବୋଲି ଶ୍ରୀ ମିଶ୍ର ଅଭିଯୋଗ କରିବା ସହିତ ରାଜ୍ୟରେ ପିପିଲିର ବେବିନା, ଟିକିରି ଶିକ୍ଷୟତ୍ରୀ ଇତିଶ୍ରୀ ପ୍ରଧାନ ଓ ଆୟୁଷ ଡାକ୍ତରାଣୀ ମାଧବୀଲତା ଘଟଣାକୁ ରାଜ୍ୟ ସରକାର ଯେଭଳି ଭାବେ ତଦନ୍ତ କରାଇଲେ ତାହା ସମସ୍ତ ରାଜ୍ୟବାସୀ ଅବଗତ। ବିଶେଷକରି କୁନ୍ଦୁଲି ଘଟଣାରେ ସରକାରଙ୍କର ତଦନ୍ତ ଏବଂ ମାତ୍ରାଧିକ ଚାପ ସହି ନପାରି କୁନ୍ଦୁଲି ପୀଡିତା ଆତ୍ମହତ୍ୟା କରିଥିଲେ। ତେଣୁ ତିର୍ତୋଲ ପୀଡିତାଙ୍କ କ୍ଷେତ୍ରରେ କୁନ୍ଦୁଲି ଘଟଣାର ଯେଭଳି ପୁନରାବୃତି ନହେଉ, ସେଥିପାଇଁ ରାଜ୍ୟ ସରକାର ଉଚ୍ଚସ୍ତରୀୟ କ୍ରାଇମବ୍ରାଂଚ ତଦନ୍ତ କରାଇବା ସହିତ ପରିବାରକୁ ସୁରକ୍ଷା, ପୀଡିତା ରୋଜଗାରକ୍ଷମ ହେବା ପର୍ଯ୍ୟନ୍ତ ତା'ର ସମସ୍ତ ଭରଣପୋଷଣ ଖର୍ଚ୍ଚ ଓ ମାଗଣା ଶିକ୍ଷା ସହିତ ପୀଡିତାର ପରିବାରକୁ ସରକାରଙ୍କର ଜନମଙ୍ଗଳକାରୀ ଯୋଜନାରେ ସାମିଲ କରି ସାମାଜିକ ସୁରକ୍ଷା ପ୍ରଦାନ, ୨୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବାକୁ ସାମ୍ବାଦିକ ସମ୍ମିଳନୀରେ ଦାବି କରାଯାଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଶ୍ରୀମତୀ ରଶ୍ମି ମହାପାତ୍ର, ଜିନେ୍ ଦାସ, ନାରାୟଣ ଜେନା, ଦୀପକ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

୨୭ତମ ପ୍ରତିଷ୍ଠା ଦିବସ ଅଭିନନ୍ଦନ

ଖେଳ

# ପର୍ଯ୍ୟବେକ୍ଷକ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

Bhubaneswar Thursday February 27 ଭୁବନେଶ୍ୱର ଗୁରୁବାର, ଫେବୃଆରୀ ୨୭,୨୦୨୫ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com



## ଜିଲ୍ଲାସ୍ତରୀୟ ପିଏମ କିସାନ ସମ୍ମାନ ସମାରୋହ



ରାୟଗଡ଼ା,(ପି.ଏନ): ବିହାରର ଭାଗଲପୁର ଠାରୁ ସିଧା ପ୍ରସାରଣ କାର୍ଯ୍ୟକ୍ରମ ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ପିଏମ କିସାନ ସମ୍ମାନ ନିଧିର ୧୯ତମ କିସ୍ତି ଟଙ୍କା ଚାଷୀଙ୍କ ଖାତାକୁ ପଠାଇଛନ୍ତି । ଏହି ପରିପ୍ରେକ୍ଷୀରେ ରାୟଗଡ଼ା ଜିଲ୍ଲା ପ୍ରଶାସନ ଦ୍ୱାରା ସ୍ଥାନୀୟ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପ ଠାରେ ଅପରାହ୍ନରେ ଜିଲ୍ଲାସ୍ତରୀୟ କିସାନ ସମ୍ମାନ ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅପରାହ୍ନ ୨ଟା ୧୫ମି.ରୁ ସାଢେ ୩ଟା ସମୟ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀଙ୍କ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଦେଖିବାର ବ୍ୟବସ୍ଥା କରାଯାଇଥିଲା । ପିଏମ କିସାନ ଯୋଜନା ଦେଶର କୃଷକଙ୍କୁ ଆର୍ଥିକ ସ୍ଥିରତା ପ୍ରଦାନ କରୁଛି । ପୂର୍ବରୁ ଯୋଜନାର ୧୮ତମ କିସ୍ତି ୨୦୨୪ ମସିହା ଅକ୍ଟୋବର ୫ତାରିଖରେ ମହାରାଷ୍ଟ୍ରରୁ ଜାରି କରିଥିଲେ ପ୍ରଧାନମନ୍ତ୍ରୀ । ଏହି ଯୋଜନାରେ ବର୍ଷକୁ ୩ଟି କିସ୍ତିରେ ୨ହଜାର ଟଙ୍କା ଲେଖାଁଏ ୬ହଜାର ଟଙ୍କା ପ୍ରତି ୪ମାସ ବ୍ୟବଧାନରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ପିଏମ କିସାନ ଯୋଜନା ହେଉଛି କେନ୍ଦ୍ରୀୟ କୃଷି କଲ୍ୟାଣ ଯୋଜନା । ଗତ ୨୦୧୯ ମସିହା ଫେବୃଆରୀ ମାସରୁ ଏହି ଯୋଜନା ଆରମ୍ଭ ହୋଇଥିବା ବେଳେ ସିଧାସଳଖ ବେନିଫିଟ୍ ଟ୍ରାନ୍ସଫର ମୋଡରେ ଯୋଗ୍ୟ ଚାଷୀଙ୍କ ଖାତାକୁ ଏହି ରାଶି ହସ୍ତାନ୍ତର କରାଯାଉଛି ବୋଲି ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଷ୍ଣୁ ପ୍ରସାଦ କର ସୂଚନା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୨୫୦ଜଣ ପିଏମ କିସାନ ହିତାଧିକାରୀମାନେ ଅଂଶଗ୍ରହଣ କରିଥିବା ବେଳେ ଉପକୃତ ହୋଇଛନ୍ତି ଜିଲ୍ଲାର ସର୍ବମୋଟ ୪୮୬୦୬ଜଣ ପିଏମ କିସାନ ହିତାଧିକାରୀ । ଏଥିରେ ଜିଲ୍ଲାର ବିଷମକଟକ ବ୍ଲକରୁ ୩୯୬୬ଜଣ, ଚନ୍ଦ୍ରପୁରରୁ ୨୫୧୩ଜଣ, ଗୁଡାରୀରୁ ୩୭୧୪ଜଣ, ଗୁଣପୁରରୁ ୪୫୮୫ଜଣ ଚାଷୀ ହିତାଧିକାରୀଙ୍କ ଖାତାକୁ ଟଙ୍କା ଜମା ହୋଇଥିବା ବେଳେ କଲ୍ୟାଣସିଙ୍ଗପୁର ବ୍ଲକରୁ ୪୨୦୮ଜଣ, କାଶିପୁର ବ୍ଲକରୁ ସର୍ବାଧିକ ୭୫୨୪ଜଣ, କୋଲନରାରୁ ୪୪୪୫ଜଣ, ମୁନିଗୁଡା ୪୬୬୮ଜଣ ଏବଂ ପଦ୍ମପୁର ବ୍ଲକରୁ ୩୭୧୫ଜଣ, ରାମନାଗୁଡାରୁ ୩୧୪୯ ଓ ରାୟଗଡ଼ା ବ୍ଲକରୁ ୬୧୧୯ଜଣଙ୍କୁ ମିଶାଇ ସର୍ବମୋଟ ୪୮୬୦୬ଜଣ ହିତାଧିକାରୀଙ୍କୁ ଆଜି ପିଏମ କିସାନ ସମ୍ମାନ ନିଧିର ୧୯ତମ କିସ୍ତି ୨ହଜାର ଟଙ୍କା ଲେଖାଁଏ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଥିବା ନେଇ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଶ୍ରୀ କର ସୂଚନା ପ୍ରଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ନିଯୋଜନ ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର ,ଜିଲ୍ଲା ମତ୍ସ୍ୟ ଅଧିକାରୀ ଜ୍ଞାନରଂଜନ ସେଠୀ,ବୈ?ଜ୍ଞାନିକ (କେବିକେ)ରାୟଗଡ଼ା ଡ.ଅରିନ୍ଦିତ ରଏ,ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସକ ଡ. ଦେବର।ଜ ନାୟକ,ଡିଆଇଓ,ଏନଆଇସି ଏନ.ଗୁଣଶେଖର,ଡିଆଇପିଆର କାର୍ଯ୍ୟାଳୟ ଷ୍ଟାଫ୍ ଡମ୍ବୁରୁଧର ପଣ୍ଡାଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହିଥିଲେ ।

## ମହନ୍ତ ବାବା ଦାସରଥି ଦାସ ମହାରାଜଙ୍କ ସମାଧି ପ୍ରତିଷ୍ଠା

ପାରାଦ୍ୱୀପ,(ପି.ଏନ): ପାରାଦୀପ ବନ୍ଦର ଉପକଣ୍ଠ ରେ ଅବସ୍ଥିତ ସହସ୍ରାଧିକ ବର୍ଷ ପୂର୍ବରୁ ପୁରାତନ କୁଜଙ୍ଗ ରାଜ୍ୟର ଆରାଧ୍ୟା ମା'ରାମଚଣ୍ଡୀଙ୍କର ପୀଠ (ତାରିକନ୍ଧା), ଯାହାକି ପରବର୍ତ୍ତୀ ଅବସ୍ଥାରେ ତାରିଣୀ ଗଡାର ସିଦ୍ଧ ରାମଚଣ୍ଡୀ ମଠ ନାମରେ ନାମିତ ହୋଇଥିଲା । ଉକ୍ତ ମଠର ମଠାଧିସ ବାବା ଦାଶରଥି ଦାସ ମହାରାଜ ଙ୍କର ଗତ ୫ ତାରିଖ ରାତ୍ର ୧୧ ଘଟିକା ସମୟରେ ମହାପ୍ରୟାଣ ହୋଇଯାଇଥିଲା କ୍ଷ ବିଧିବ୍ୟବସ୍ଥା ମଧ୍ୟରେ ମଠ ଟ୍ରଷ୍ଟ ବୋର୍ଡର ସମସ୍ତ ସଭ୍ୟ/ସଭ୍ୟା/ କାର୍ଯ୍ୟକର୍ତ୍ତା ଓ ଶ୍ରଦ୍ଧାଳୁ ଭକ୍ତମାନଙ୍କ ଉଦ୍ୟମରେ ସମାଧି ପ୍ରତିଷ୍ଠା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସକାଳ ୬ ଘଟିକା ସମୟରୁ ଅଖଣ୍ଡଦୀପ ସ୍ଥାପନା, ଶ୍ରୀ ଶ୍ରୀ ଚତୁର୍ଥ ପ୍ରହର ନାମଯଜ୍ଞ, ସାଧୁ ସମ୍ମିଳନୀ ଓ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟର ବିଭିନ୍ନ ସ୍ଥାନରୁ ସାଧୁସନ୍ଥମାନେ ସମାଗତ ହୋଇ ଦାଶରଥୀ ମହାରାଜାଙ୍କ ଜୟଗାନ କରି ବିଧିବ୍ୟବସ୍ଥା ମଧ୍ୟରେ ଶିଷ୍ୟ ସୀତାରାମ ଦାସଙ୍କୁ ମଠାଧୀଶ ଭାବେ ଅଧିଷ୍ଠିତ କରିଥିଲେ ।

## କାବେରୀ ବେହେରାଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ




ଭୁବନେଶ୍ୱର,(ପି.ଏନ): ୱାଲ୍ଡ ଓଡ଼ିଶା ସୋସାଇଟିର ସାଂସ୍କୃତିକ ସାଧାରଣ ସମ୍ପାଦକ ଏବଂ ବାଲେଶ୍ୱର ସ୍ଥିତ ଗୁରୁ ହରେକୃଷ୍ଣ ବେହେରା କଳା ଓ ସଂସ୍କୃତି ମହାବିଦ୍ୟାଳୟର ଅଧକ୍ଷା କାବେରୀ ବେହେରାଙ୍କୁ ବିଶ୍ୱ ମାନବ ଅଧିକାର ସୁରକ୍ଷା ସଙ୍ଗଠନ ଏବଂ ଆମେରିକାନ ଗ୍ଲୋବାଲ ଡିଜିଟାଲ ବିଶ୍ୱ ବିଦ୍ୟାଳୟ ତରଫରୁ ଭୁବନେଶ୍ୱରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମ ଅବସରରେ ସଙ୍ଗୀତ ଓ ସାମାଜିକ କାର୍ଯ୍ୟ କ୍ଷେତ୍ରରେ ଡକ୍ଟରେଟ ଉପାଧି ପ୍ରଦାନ କରାଯାଉଛି ।

## ସିଓ୍ୱେଜ୍ ସିପିଙ୍ଗ କମ୍ପାନୀ ଶ୍ରମିକ ଧାରଣା ମାମଲା- କମ୍ପାନୀ କାର୍ଯ୍ୟାଳୟ ଆଗରେ ଆତ୍ମାହୂତି ଉଦ୍ୟମ



ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରରେ ଷ୍ଟିଭେଡୋରିଙ୍ଗ କାର୍ଯ୍ୟ କରୁଥିବା ସିଓ୍ୱେଜ୍ ସିପିଙ୍ଗ ଆଣ୍ଡ ଲଜିଷ୍ଟିକ୍ସ ଲିମିଟେଡ୍ ଶ୍ରମିକ ଓ କର୍ମଚାରୀମାନଙ୍କୁ ଦରମା ନଦେବାରୁ ଦୀର୍ଘ ୧୫ ଦିନ ହେବ ଶ୍ରମିକଓ କର୍ମଚାରୀମାନେ ଧାରଣ ଦେଇଥିଲେ । ଏହି କର୍ମଚାରୀ ଆନ୍ଦୋଳନକୁ ସମର୍ଥନ ଜଣାଇ ସାମିଲ ହୋଇଥିଲା ପାରାଦୀପ କଂଗ୍ରେସ୍ କମିଟି । ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳ ଏହି କର୍ମଚାରୀମାନଙ୍କ ପାଖରେ ପହଂଚି ଧାରଣାରେ ସାମିଲ ହୋଇଥିଲେ । ପାରାଦୀପ ଆଦର୍ଶ ଥାନା ପୋଲିସ୍ ସେଠାରେ ପହଂଚି କମ୍ପାନୀ କର୍ମଚାରୀ ଓ କଂଗ୍ରେସ୍ ନେତାମାନଙ୍କୁ ଧାରଣାରୁ ହଟିବାକୁ ଚାପ ପକାଇଥିଲେ । ହେଲେ କର୍ମଚାରୀ ଓ କଂଗ୍ରେସ୍ ନେତା ପୋଲିସ୍ ଚାପର ବଶବ ର୍ତ୍ତୀ ନହୋଇ ଧାରଣ ଜାରୀ ରଖିଥିଲେ । ବୁଧବାର ଦିନ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଧାରଣାସ୍ଥଳରେ ପହଂଚିଥିଲେ । ତାଙ୍କ ଉପସ୍ଥିତିରେ ଜୋରଜବରଦସ୍ତ ତାଲା କାଟି କାର୍ଯ୍ୟାଳୟ ଖୋଲାଯାଇଥିଲା । ଏହି ସମୟରେ ଜଣେ କର୍ମଚାରୀ ଆତ୍ମାହୂତି ଦେବାକୁ ଉଦ୍ୟମ କରିଥିଲେ । ପାରାଦୀପ ନିର୍ବାଚନ ମଣ୍ଡଳୀ କଂଗ୍ରେସ୍ ନେତା ନିରଂଜନ ନାୟକ, ନଗର କଂଗ୍ରେସ୍ ସଭାପତି କେଦାର ବିଶ୍ୱାଳ ଘଟଣାସ୍ଥଳରେ ପହଂଚି ଆତ୍ମାହୂତି ଉଦ୍ୟମ କରୁଥିବା କର୍ମଚାରୀଙ୍କୁ ସେଥିରୁ ନିବୃତ ରଖିଥିଲେ । ଦୀର୍ଘ ଏକ ବର୍ଷ ହେବ ଦରମା ନପାଇ କଷ୍ଟରେ ପରିବାର ସହ କାଳାତିପାତ କରୁଥିବା ଓଡିଆ ଶ୍ରମିକଙ୍କୁ ପେଟକୁ ପୋଲିସ୍‌ର ନାତକୁ ନିନ୍ଦା କରିଛଁ କଂଗ୍ରେସ୍ ନେତା ନିରଂଜନ ନାୟକ । ଅଣଓଡିଆ କମ୍ପାନୀ ପାରାଦୀପ ଆସି ଓଡିଆ ଶ୍ରମିକମାନଙ୍କୁ ଦରମା ନଦେବା ଓ ଏହାକୁ ପୋଲିସ୍ ପ୍ରଶାସନର ସମର୍ଥନ କଣ ରାଜ୍ୟ ସରକାରଙ୍କ ଓଡିଆ ଅସ୍ମିତାର ନିଦର୍ଶନ ବୋଲି ନିରଂଜନ ପ୍ରଶ୍ନ କରିଛନ୍ତି । ଦୁଇ ଦିନ ମଧ୍ୟରେ ଯଦି କମ୍ପାନୀ ବକେୟା ଦରମା ପ୍ରଦାନ ନକରେ ଏହା ବିରୁଦ୍ଧରେ ବିଧାନସଭାରେ କଂଗ୍ରେସ୍ ସ୍ୱର ଉଠାଇବା ସହ ରାଜଭବନ ଆଗରେ ଧାରଣା ଓ ପାରାଦୀପ ଥାନା ଆଗରେ ଧାରଣା ଦେବାକୁ ନିରଂଜନ ନାୟକ କହିଛନ୍ତି । ପୋଲିସ୍ କମ୍ପାନୀକୁ ଦରମା ଦେବାକୁ ତାଗିଦ ନକରି ଧାରଣାରେ ବସିଥିବା ଶ୍ରମିକମାନଙ୍କ ଜବରଦସ୍ତ ଉଠାଇ ତାଲା କାଟି କାର୍ଯ୍ୟାଳୟ ଖୋଲିବାକୁ ପ୍ରୋତ୍ସାହନ ଦେଇଥିବା ପୋଲିସ୍ କାର୍ଯ୍ୟକୁ ନଗର କଂଗ୍ରେସ୍ ସଭାପତି ଦୃଢ ନିନ୍ଦା କରିଛନ୍ତି।

## କେନ୍ଦ୍ରାପଡାରୁ ପ୍ରତ୍ୟେହ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ରେଳମନ୍ତ୍ରୀଙ୍କୁ ଦାବିପତ୍ର



କେନ୍ଦ୍ରାପଡ଼ା,(ପି.ଏନ): ପାରାଦ୍ୱୀପ-ହରିଦାସପୁର ରେଳପଥରେ କେନ୍ଦ୍ରାପଡା ରେଳ ଷ୍ଟେସନ୍‌ରୁ କଟକ ଓ ଭୁବନେଶ୍ୱରୁ ଦୈନିକ ଯାତ୍ରୀବାହୀ ରେଳ ଚଳାଚଳ ପାଇଁ ରେଳମନ୍ତ୍ରୀଙ୍କୁ କେନ୍ଦ୍ରାପଡାର ସମାଜସେବୀ ସମୀର କୁମାର ଚାନ୍ଦ ରେଳମନ୍ତ୍ରୀଙ୍କ ଉଦେଶ୍ୟରେ କେନ୍ଦ୍ରାପଡା ରେଳବାଇ ଷ୍ଟେସନ୍ ମାଷ୍ଟର୍ କାହ୍ନୁଚରଣ ସେଠୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏଥିସହିତ ପ୍ରଧାନମନ୍ତ୍ରୀ, ରେଳମନ୍ତ୍ରୀ, କେନ୍ଦ୍ରାପଡା ସାଂସଦ ଓ କେନ୍ଦ୍ରାପଡା ବିଧାୟକ ପ୍ରମୁଖଙ୍କୁ ମଧ୍ୟ ଦାବିପତ୍ର ପ୍ରଦାନ କରିଥିବା ଶ୍ରୀ ଚାନ୍ଦ ସୂଚନା ଦେଇଛନ୍ତି ।ଚକେନ୍ଦ୍ରାପଡାରୁ ପ୍ରତ୍ୟେକ ଦିନ କଟକ ଓ ଭୁବନେଶ୍ୱରକୁ ଯାତ୍ରୀବାହୀ ରେଳ ଚାଲିଲେ ସାଧାରଣ ଲୋକେ ଅନେକ ଉପକୃତ ହେବେ। ଏଠାରୁ ରେଳ ଯୋଗେ କଟକ ଓ ଭୁବନେଶ୍ୱରରେ ପହ ୍ଲେ ଦୂରଦୂରାନ୍ତକୁ ଯିବା ପାଇଁ ଅନେକ ସୁବିଧା ପାଇପାରିବେ। ରେଳ ଯୋଗେ ଯାତ୍ରା କରିଲେ ଟିକେଟ୍‌ର ମୂଲ୍ୟ କମ୍ ହୋଇଥିବାରୁ ଆର୍ଥିକ ଦୃଷ୍ଟିରୁ କେନ୍ଦ୍ରାପଡା ଲୋକମାନେ ଉପକୃତ ହୋଇପାରିବେ । ଏହି ଯାତ୍ରୀବାହୀ ରେଳ ଚଳାଚଳ ହେଲେ ଚାଷୀ ଓ ବ୍ୟବସାୟୀ ସଂଘ ଉଭୟ ଲାଭବାନ ହେବେ । ଚାଷ ଉପଯୋଗୀ ଉପକରଣ ଓ ଅନ୍ୟାନ୍ୟ ପ୍ରତ୍ୟେକ ଦ୍ରବ୍ୟ ଯାତାୟତରେ ସୁବିଧା ପାଇପାରିବା ସହ ଭିନ୍ନକ୍ଷମ ଲୋକମାନେ ମଧ୍ୟ ଯାତାୟତରେ ସୁବିଧା ପାଇବେ। ସେମାନେ ବସରେ ଯାତାୟତରେ ବହୁ ବାଧାର ସମ୍ମୁଖୀନ ହେଉଛନ୍ତି । କିନ୍ତୁ ଯାତ୍ରୀବାହୀ ରେଳ ଚଳାଚଳ ଦ୍ୱାରା ଭିନ୍ନକ୍ଷମ ଲୋକମାନଙ୍କୁ ବହୁସେବା ମିଳିପାରିବ । ଦୂର ଦୂରାନ୍ତରୁ ଆସୁଥିବା ବ୍ୟବସାୟୀ ଲୋକେ ବସ୍‌ରେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଯାତ୍ରୀବାହୀ ରେଳର ଚଳାଚଳ ହେଲେ ସେମାନେ ସୁବିଧାରେ ଯାତାୟତ କରିପାରିବେ। ଏଥିସହିତ କେନ୍ଦ୍ରାପଡା ଲୋକମାନେ ଆର୍ଥିକ କ୍ଷେତ୍ରରେ ଉନ୍ନତି କରିପାରିବେ ।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)

NURSERY (3+)

LKG, UKG, STD-I TO V

25% reservation as per RTE Act (2009)

FIND THE DIFFERENCE

●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL

N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com

25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-7510 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-7515, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray